## ବାଇକ୍‌କୁ ଧକ୍କା ଦେଲା ଅଟୋ, ୨ ଗୁରୁତର

କୁତ୍ରା (ଡି.ଏନ.ଏ): ସୁନ୍ଦରଗଡ ଜିଲା କୁତ୍ରା ଥାନା ଅଧୀନ ୧୦ ନଂ. ରାଜ୍ୟ ରାଜପଥର ଦମକଳ କେନ୍ଦ୍ର ନିକଟରେ ରବିବାର ଅପରାହ୍ନରେ ଏକ ବାଇକ୍ ବିରିଙ୍ଗାଟୋଲି ପଟକୁ ଯାଉଥିବା ବେଳେ ତିନିଚକିଆ ଅଟୋ ଧକ୍କା ଦେଇଥିଲା । ଫଳରେ ବାଇକ୍‌ରେ ବସିଥିବା ୨ ଜଣ ଛିଟିକି ପଡି ଗୁରୁତର ହୋଇଥିଲେ । ଉଭୟଙ୍କୁ ଉଦ୍ଧାର କରି କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସ୍ଥାନାନ୍ତର କରାଯାଇଛି । ଗୁରୁତର ଦ୍ୱୟ ରାଜଗାଙ୍ଗପୁର ଡୁବକୁ କିଶାପଡାର ଭାଗିରଥି ଟପ୍ପୋ ଓ କିଶୋର ଟପ୍ପୋ ବୋଲି ଜଣାପଡିଛି ।

## ବାଇକ୍‌ରୁ ଖସିପଡି ଯୁବକ ମୃତ

କୁତ୍ରା,୧୭।୪(ଡି.ଏନ.ଏ): ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ ଜଉରାମୁଣ୍ଡା ପୋଲ ନିକଟରେ ରବିବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କିରିଙ୍ଗସେରା ମହତପଡାର ସନ୍ତୋଷ କୁସୁମା (୨୭) । ସେ ସନ୍ଧ୍ୟାରେ ଏକ ବାଇକ୍ ଯୋଗେ ଜଉରାମୁଣ୍ଡା ପଟକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ତଳକୁ ଖସିପଡିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କୁତ୍ରା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

## ଗଞ୍ଜେଇ ସହ କାର୍ ଜବତ, ଜଣେ ଗିରଫ

ସୁନ୍ଦରଗଡ,୧୭।୪(ଡି.ଏନ୍.ଏ): ସୁନ୍ଦରଗଡ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ସବଡେଗା ବ୍ଲକ ରାଶିପତ୍ରା ଗ୍ରାମରେ ଲକ୍ଷାଧିକ ଟଙ୍କା ମୂଲ୍ୟର ଗଞ୍ଜେ ସହ ଏକ କାର୍ (ନଂ.ଓଆର୧୬ବି ୯୬୯୬)କୁ ଜବତ କରାଯାଇଛି । ବୌଦ୍ଧ ଜିଲାରୁ ଏହି ଗଞ୍ଜେଇ ସୁନ୍ଦରଗଡ ଜିଲାକୁ ଚାଲାଣ ହେଉଥିବା ନେଇ ଖବର ପାଇ ସୁନ୍ଦରଗଡ ଜିଲା ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ଅଧିକାରୀ ସଦଳବଳ ରାଶିପତ୍ରା ଗ୍ରାମରେ ଚଢାଉ କରି ୩୨ କେଜି ଗଞ୍ଜେଇ ଜବତ କରିଥିଲେ । ଏହି ଘଟଣାରେ ଜଣେ ମହିଳାଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରାଯାଇଛି । ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି ।

## ନାଳ ଭିତରୁ ଗଳିତ ମୃତଦେହ ଜବତ

ରାଉରକେଲା ଅଫିସ,୧୭।୪: ରାଉରକେଲା ସେକ୍ଟର-୩ ଆଇଜି ପାର୍କ ନିକଟସ୍ଥ ନାଳ ଭିତରୁ ଏକ ଗଳିତ ମୃତଦେହକୁ ପୋଲିସ ରବିବାର ଜବତ କରିଛି । ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ବୟସ ପାଖାପାଖି ୫୦ରୁ ୫୫ ବର୍ଷ ହେବ ବୋଲି ଅନୁମାନ କରାଯାଇଛି । ପୋଲିସ ମୃତଦେହକୁ ଆରଜିଏଚ୍ ମର୍ଗ ହାଉସ୍‌ରେ ରଖି ଏକ ଅପମୃତ୍ୟୁ ମାମଲା (ନଂ.୭।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

## ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ

ରାଉରକେଲା ଅଫିସ,୧୭।୪: ରାଉରକେଲା ସହରରେ ଥିବା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରବିବାର ବିଜୁବାବୁଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଛି । ଏହି ଅବସରରେ ରାଉରକେଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ସଭାପତି ପି. ପି ରାୟଙ୍କ ଅଧ୍ୟକ୍ଷତାରେ ସେକ୍ଟର-୨ ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସେହିପରି ରଘୁନାଥପାଲି ବିଜେଡି ନଗର ସଭାପତି ଆର୍ତ୍ତତ୍ରାଣ ମହାରଣାଙ୍କ ସଭାପତିତ୍ୱରେ ଦଳର ବହୁ କର୍ମକର୍ତ୍ତା ବିଜୁବାବୁଙ୍କ ତିରୋଧାନ ଦିବସ ପାଳନ କରିଥିଲେ । ରାଉରକେଲା ବିଜେଡି ପକ୍ଷରୁ ନଗର ସଭାପତି ଗଗନ ପଣ୍ଡାଙ୍କ ସଭାପତିତ୍ୱରେ ଛେଣ୍ଡ୍ କଳିଙ୍ଗ ବିହାର ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏଥିରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ । ପରେ ରକ୍ତଦାନ ଶିବିରରେ ୮୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

# 'ହାତୀ-ମଣିଷ ସହାବସ୍ଥାନରେ ସଂଘର୍ଷର ସମାଧାନ ସମ୍ଭବ'

## ଉଜ୍ଜ୍ୱଳପୁର ବନାଞ୍ଚଳରେ ହାତୀ ସାଥୀଙ୍କ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ

ସୁନ୍ଦରଗଡ,୧୭।୪(ଡି.ଏନ.ଏ)



ତାଲିମ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

ହାତୀ ଓ ମଣିଷର ବଞ୍ଚିବାର ସମାନ ଅଧିକାର ରହିଛି । ଏଣୁ ସମସ୍ତେ ମିଳିମିଶି ବନ୍ୟଜନ୍ତୁଙ୍କ ସୁରକ୍ଷା କରିବା ଅପରିହାର୍ଯ୍ୟ ବୋଲି ଶନିବାର ତିଲଡ଼େଗା ବନ ସୁରକ୍ଷା ସମିତି ଆନୁକୂଲ୍ୟରେ ଆୟୋଜିତ ହାତୀ-ମଣିଷ ସଂଘର୍ଷ ପରିଚାଳନା ନିମନ୍ତେ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଲୋକାୟୁକ୍ତ ତଥା ପୂର୍ବତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡଃ ଦେବବ୍ରତ ସାଇଁ ମତବ୍ୟକ୍ତ କରିଛନ୍ତି ।

ସୁନ୍ଦରଗଡ଼ ବନଖଣ୍ଡ ଅନ୍ତର୍ଗତ ଉଜ୍ଜ୍ୱଳପୁର ବନାଞ୍ଚଳର ତିଲଡ଼େଗା ଗ୍ରାମରେ ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟ ତରଫରୁ ହାତୀ ଓ ମଣିଷ ସଂଘର୍ଷ ପରିଚାଳନା ଉପରେ ହାତୀ-ସାଥୀମାନଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଆୟୋଜନ କରଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉଜ୍ଜ୍ୱଳପୁର ବନାଞ୍ଚଳ ତରଫରୁ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ଟିମ୍ ଲିଡର ଦିଗମ୍ବର ଉପାଧ୍ୟାୟ ସଭା ପରିଚାଳନା କରିଥିଲେ । ସୁନ୍ଦରଗଡ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ତଥା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଆଶୁତୋଷ ନାଏକ ଜଙ୍ଗଲରେ ହାତୀ ପାଇଁ ଖାଦ୍ୟ ଓ ପାନୀୟର ଉପଲବ୍ଧତା ଉପରେ ମତାମତ ଦେଇଥିଲେ । ଏହାପରେ ପୂର୍ବତନ ଭାରତୀୟ ବନସେବା ଅଧିକାରୀ ଜିତେଶତ୍ରୁ ମହାନ୍ତି ହାତୀର ବାସସ୍ଥଳୀର ସୁରକ୍ଷା, ହାତୀର ମାନସିକତା ତଥା ହାତୀ-ମନୁଷ୍ୟ ସଂଘର୍ଷର ବିଭିନ୍ନ ଦିଗ ଓ ସମାଧାନ ଦିଗରେ ବିସ୍ତୃତ ଆଲୋଚନା କରିଥିଲେ । ରାଉରକେଲା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ଅରୁଣ କୁମାର ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦାନ କରି ପାରସ୍ପରିକ ସହଭାଗିତା ଓ ଗୋଷ୍ଠୀ ସଚେତନତା ଦ୍ୱାରା ହାତୀ-ମଣିଷ ସଂଘର୍ଷର ସମାଧାନ ହୋଇପାରିବ ବୋଲି କହିବା ସହ ହାତୀ ଆବାସସ୍ଥଳୀରେ ହାତୀର ଖାଦ୍ୟପୋଯୋଗୀ ବୃକ୍ଷ ସମୂହର ରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାମବାସୀ, ବନସୁରକ୍ଷା ସମିତିର ସଭ୍ୟସଭ୍ୟା, ଜନ ପ୍ରତିନିଧି ନିଜ ଅଞ୍ଚଳର ହାତୀ ସମସ୍ୟା ଉପସ୍ଥାପନ କରିଥିଲେ । ଏହି ଅବସରରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ନିମନ୍ତେ ସଚେତନ କରାଯାଇଥିଲା । ସୁନ୍ଦରଗଡ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ନିମନ୍ତେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ଉଜ୍ଜ୍ୱଳପୁର ବନାଞ୍ଚଳ ଅଧିକାରୀ ସଂଗ୍ରାମ କେଶରୀ ମଣିହୀରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହକାରୀ ବନାଞ୍ଚଳ ଅଧିକାରୀ ପଞ୍ଚ ନାରାୟଣ ସରାଫ, ବନପାଳ ସାନିକା ଟପ୍ପୋ, ନୀତିନ କଚ୍ଛରିଆ, ସଂଯୋଜକ ସବ୍ୟସାଚୀ ରଥ, ରାଜେଶ କୁମାର ମହାପାତ୍ର, ସହଯୋଗୀ ଅନୁଷ୍ଠାନ ସେବକର ମନୋରଞ୍ଜନ ମଲ୍ଲିକ, ହରିପ୍ରିୟା ନାଏକ, ଆକାଉଣ୍ଟାଣ୍ଟ ସୌରଭ ନାଏକ ତଥା ବନରକ୍ଷୀମାନେ ସହଯୋଗ କରିଥିଲେ । କିଞ୍ଜିରିକେଲା ସେକ୍ସନର ୧୦ଟି ବନ ସୁରକ୍ଷା ସମିତିର ୧୭୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ସୁନ୍ଦରଗଡ,୧୭।୪(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି । ସୋମବାର ପୂର୍ବାହ୍ନ ୯ଟାରେ ଏହି କାର୍ଯ୍ୟକ୍ରମ ସୁନ୍ଦରଗଡ଼ ପ୍ରଗତି ମଣ୍ଡପଠାରେ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ । ଜନସାଧାରଣ ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସେମାନଙ୍କ ସମସ୍ୟା, ଅଭିଯୋଗ ଆଦି ଉପସ୍ଥାପନ କରିବା ସହ ଜିଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ମତାମତ ରଖିପାରିବେ । ଏହାକୁ ଆଧାର କରି ପ୍ରଶାସନ ପକ୍ଷରୁ ଉନ୍ନୟନ କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ ଓ ବ୍ୟାପକ କରାଯିବ । ସେହିପରି ଆସନ୍ତା ୨୫ରେ ରାଜଗାଙ୍ଗପୁର ବ୍ଲକ ପରିସରରେ ପ୍ରଶାସନ ପକ୍ଷରୁ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ଜଙ୍ଗଲ ନିଆଁ ନିବାରଣ ସଚେତନତା ଅଭିଯାନ


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ବିଭାଗୀୟ ଅଧିକାରୀ ଏବଂ ଗ୍ରାମବାସୀ ।

ରାଜଗାଙ୍ଗପୁର, ୧୭।୪

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଫରେଷ୍ଟ ରେଞ୍ଜ୍‌ରେ ଜଙ୍ଗଲ ନିଆଁ ନିବାରଣ ସଚେତନତା ଅଭିଯାନ ରବିବାର ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ରେଞ୍ଜର ପ୍ରମୋଦ କୁମାର ସାହୁ ଉପସ୍ଥିତ ରହି ସାଧାରଣ ଲୋକଙ୍କୁ ଜଙ୍ଗଲକୁ କିପରି ନିଆଁରୁ ରକ୍ଷା କରିପାରିବେ ସେ ନେଇ ବୁଝାଇଥିଲେ । ୩ ଦିନ ଧରି ଚାଲିଥିବା ସଚେତନତା କାର୍ଯ୍ୟକ୍ରମରେ ମହୁଲ, କେନ୍ଦୁପତ୍ର ସଂଗ୍ରହ ପାଇଁ ଜଙ୍ଗଲରେ ପଡିଥିବା ଶୁଖିଲା ପତ୍ରରେ ନିଆଁ ନ ଲଗାଇବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା । ଗ୍ରାମବାସୀ ମିଳିତ ହୋଇ ଜଙ୍ଗଲର ସୁରକ୍ଷା କରିବା ପାଇଁ ନିବେଦନ କରାଯାଇଥିଲା । ୱାଇଏମ୍ଏଫ୍ଆଇର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ କଳାକାର ବାପି ପଲାଇ, ଦେବସ୍ମିତା, ବିଷ୍ଣୁପ୍ରିୟା ପ୍ରମୁଖ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ଜଙ୍ଗଲ ନିଆଁ ଉପରେ ସଚେତନ କରାଇଥିଲେ । ସ୍ଥାନୀୟ ବାସିନ୍ଦା ଜଙ୍ଗଲ ସୁରକ୍ଷା ପାଇଁ ଶପଥ ନେଇଥିଲେ । ଏହି ଅବସରରେ ଫରେଷ୍ଟର ପି.ଏନ୍ ପଟେଲ, ଅସୀତ କୁମାର ପଟ୍ଟନାୟକ, ଏଚ୍. କେ ପାଣ୍ଡେ, ଟିଏଲ ଗୀତାଞ୍ଜଳି ପ୍ରଧାନ, ଫିଲ୍ଡ ଡିଓ ଝାସିକେତନ ପ୍ରଧାନ, ଫରେଷ୍ଟ ଗାର୍ଡ ସମୀର କୁମାର ପାତ୍ରଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ରିଆମାଳ ପୋଲିସ ପକ୍ଷରୁ ରକ୍ତଦାନ ଶିବିର

ରିଆମାଳ,୧୭।୪(ଡି.ଏନ୍.ଏ.)

ଦେବଗଡ ଜିଲା ରିଆମାଳ ଥାନା ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଇନ୍ସପେକ୍ଟର ଲଳିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ଜିଲା ଆରକ୍ଷୀ ଅଧୀକ୍ଷକ ରାଜକିଶୋର ପାଇକରାୟ ଉଦ୍‌ଘାଟନ କରିଥିଲେ । ଅତିରିକ୍ତ ଏସ୍.ପି. ଅଙ୍କୁର ମଲ୍ଲିକ ଓ ଏସଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ର, ସ୍ୱାସ୍ଥ୍ୟକେନ୍ଦ୍ର ଡା. ରବୀନ୍ଦ୍ରନାଥ ମାରାଣ୍ଡି, ମଳୟ କୁମାର ବେହେରା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଦେବଗଡ ଜିଲା ପରିଷଦ ଅଧ୍ୟକ୍ଷ ତଥା ଯୁବ ସମାଜସେବୀ କୌଶିକ କୁମାର ପ୍ରଧାନ, ରିଆମାଳ ବ୍ଲକ ଚେୟାରମ୍ୟାନ ମଧୁସୂଦନ ପ୍ରଧାନ ଯୋଗ ଦେଇଥିଲେ । ଶିବିରରେ ୫୦ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।

## ଗଞ୍ଜେଇ ଚାଲାଣ: ୩ ଗିରଫ

ଦେବଗଡ଼,୧୭।୪ (ଡି.ଏନ.ଏ.)

ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତିମାନେ ହେଲେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଖମାର ଗ୍ରାମର ରାକେଶ ସାହୁ, କିଶୋରନଗର ଥାନା ବାମୁର ଗ୍ରାମର ତୀର୍ଥବାସୀ ନନ୍ଦ ଓ ହଣ୍ଡପ୍ପା ଥାନା ମୁଦୁଲିମୁଣ୍ଡା ଗ୍ରାମର ରାଜେନ୍ଦ୍ର ସାହୁ । ସୂଚନା ଅନୁଯାୟୀ, କୁଣ୍ଡେଇଗୋଳା ଥାନାଞ୍ଚଳ ଦେଇ ଗଞ୍ଜେଇ ଚାଲାଣ ହେବା ସୂଚନା ପାଇ ଏସଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ରଙ୍କ ନେତୃତ୍ୱରେ କୁଣ୍ଡେଇଗୋଳା ଥାନା ଅଧିକାରୀ ସରୋଜ କୁମାର ସେଠୀ ସ୍ପେଶାଲ ସ୍କ୍ୱାଡ୍ ସହ ଆଉଁଳି ଛକ ନିକଟରେ ଜଗି ରହିଥିଲେ । ଏହି ସମୟରେ ଅନୁଗୁଳ ଜିଲା ହଣ୍ଡପ୍ପା ଥାନା ସର୍ଗିପାଲୀ ଅଞ୍ଚଳରୁ ଖମାର ପଟକୁ ଏକ ସ୍କୁଟି ଯୋଗେ ୩ ଜଣ ଏକ ବସ୍ତାରେ ଗଞ୍ଜେଇ ନେଇ ଯାଉଥିବା ବେଳେ ସେମାନଙ୍କୁ ଅଟକାଇ ଯାଞ୍ଚ କରି ୨୨ କେଜି ଗଞ୍ଜେଇ ଜବତ କରିଥିଲେ ।

## ନାବାଳିକା ଗଣବଳାତ୍କାର ଘଟଣା: ୫ କୋର୍ଟଚାଲାଣ

ଲହୁଣୀପଡ଼ା,୧୭।୪(ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅଧୀନ ଟିକାୟତପାଲି ଗ୍ରାମର ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗରେ ପୋଲିସ ୫ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଚାନ୍ଦିପୋଷ ଥାନା ପିତାଗାଁର ଶୁକଦେବ ଏକ୍କା(୧୯) ଓ ଦର୍ଜାଂ ପତଳାସାହିର ସମରା ଓରାମ (୧୯) ଏବଂ ଅନ୍ୟ ତିନିଜଣ ନାବାଳକ ।

ସୂଚନା ଅନୁସାରେ, ଉକ୍ତ ନାବାଳିକା ଜଣକ ନିକଟସ୍ଥ ସାଲେଇପାଲି ଛକରେ ସିଲେଇ କାମ କରନ୍ତି । ଗତ ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟା ବେଳେ ସେ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତମାନେ ପତଳା ସାହିର ବୁଦୁବୁଦିଆ ଜଙ୍ଗଲରେ ତାଙ୍କୁ ଅଟକାଇ ବଳାତ୍କାର କରିଥିଲେ । ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ଲୋକେ ଲହୁଣୀପଡ଼ା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୩ଟି ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ଅଟକ ରଖିଥିଲା । ପଚରାଉଚୁରା ବେଳେ ଅଭିଯୁକ୍ତମାନେ ଘଟଣାକୁ ସ୍ୱୀକାର କରିଥିବା ପୋଲିସ କହିଛି । ଫଳରେ ପୋଲିସ ପୀଡିତା ଓ ଅଭିଯୁକ୍ତମାନଙ୍କ ଡାକ୍ତରୀ ମାଇନା କରାଇଥିଲା । ଏହାସହିତ ଏକ ଗଣବଳାତ୍କାର ମାମଲା ରୁଜୁ କରି ଦୁଇଜଣଙ୍କୁ ସୁନ୍ଦରଗଡ ପକ୍ସୋ ଅଦାଲତ ଓ ଅନ୍ୟ ତିନି ନାବାଳକଙ୍କୁ ରାଉରକେଲା ବାଳ ସୁଧାର ଗୃହକୁ ପଠାଯାଇଥିବା ରବିବାର ଖବରଦାତା ସମ୍ମିଳନୀରେ ବଣେଇ ଏସ୍‌ଡ଼ିପିଓ ସୌରଭ ଓତା ସୂଚନା ଦେଇଛନ୍ତି । ଏହି ସମୟରେ ଲହୁଣୀପଡ଼ା ଥାନାଧିକାରୀ ବିଜୟ କୁମାର ବିହାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ତିଳତର୍ପଣ, ସଫେଇ କଲେ ବିଜେଡ଼ି କର୍ମକର୍ତ୍ତା

ସମ୍ବଲପୁର,୧୭।୪(ବ୍ୟୁରୋ)

ମହାନ ଜନନାୟକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଜିଲା ବିଜେଡି ପକ୍ଷରୁ ପାଳିତ ହୋଇଯାଇଛି । ବିଜେଡି ଜିଲା ସଭାପତି ଇଂ.ସିଦ୍ଧାର୍ଥ ଦାସଙ୍କ ପୌରାହିତ୍ୟରେ ସକାଳ ସାଢେ ୬ଟାରେ ମହାନଦୀର ମାରୱାରୀପଡ଼ା ଘାଟଠାରେ ତିଳତର୍ପଣ କରାଯାଇଥିଲା । ଏଥିସହ ସମ୍ବଲପୁର ମହାନଦୀ ଘାଟ ଅଞ୍ଚଳ ନିକଟ ରିଙ୍ଗରୋଡରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ରେମେଡ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିସଭା ହୋଇଥିଲା । ସମ୍ବଲପୁର ଜିଲା ବିଜେଡି ସଭାପତି ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରେଢ଼ାଖୋଲ ବିଧାୟକ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ଇଂ. ରୋହିତ ପୂଜାରୀ, ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ସଞ୍ଜୟ ବାବୁ, ଜିଲା ବିଜେଡି ଉପସଭାପତି ଅଶୋକ ମହାକୁର, ଜିଲା ବିଜେଡି ସାଧାରଣ ସମ୍ପାଦକ ସୁଶାନ୍ତ ପାଣିଗ୍ରାହୀ, ଦେବାଶିଷ ନନ୍ଦ, ରବି ପୂଜାରୀ, ସମ୍ପାଦକ ଦିଲୀପ ଦାଶ ଯୋଗ ଦେଇଥିଲେ । ଏହାଛଡା ରାଜ୍ୟ ଯୁବ ବିଜେଡି ସମ୍ପାଦକ ହୀରାଲାଲ ବେହେରା, ରାଜ୍ୟ ଯୁବ ବିଜେଡି ସମ୍ପାଦକ ମନୋଜ ମହାପାତ୍ର, ଜିଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀପ୍ରସାଦ ମହାପାତ୍ର, ଜିଲା ଛାତ୍ର ବିଜେଡି ସଭାପତି ଡ. ସିଦ୍ଧାନ୍ତ ମହାନ୍ତି, ମହିଳା ବିଜେଡି ସଭାପତି ବନ୍ଦିତାରାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ନାବାଳିକା ବଳାତ୍କାରୀଙ୍କୁ ୧୦ବର୍ଷ କାରାଦଣ୍ଡାଦେଶ

ସୁନ୍ଦରଗଡ,୧୭।୪(ଡି.ଏନ୍.ଏ)

ସୁନ୍ଦରଗଡ ସଦର ଥାନା ଅଞ୍ଚଳରେ ୨୦୧୩ ଜାନୁୟାରୀରେ ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲାର ବିଚାର କରି ଶନିବାର ସୁନ୍ଦରଗଡ ପକ୍ସୋ କୋର୍ଟ ଅଭିଯୁକ୍ତ ପିଣ୍ଟୁ ସା (୨୮)ଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି ।

ଅଭିଯୁକ୍ତ ପିଣ୍ଟୁ ନାବାଳିକାଙ୍କୁ ଅପହରଣ କରି ତାଙ୍କୁ ବଳାତ୍କାର କରିଥିଲେ । ଏ ସମ୍ପର୍କରେ ପୀଡିତା ନାବାଳିକାଙ୍କ ବାପା ସଦର ଥାନାରେ ୨୦୧୩ ଅଗଷ୍ଟ ୨୧ତାରିଖରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୋଲିସ ପୋଲିସ ଅକ୍ଟୋବର ୨୧ତାରିଖରେ ବନ୍ଧପାଲି ଗ୍ରାମର ଅଭିଯୁକ୍ତ ପିଣ୍ଟୁ ଓ ତାଙ୍କ ବାପା କେଦାର ସା (୫୯)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ସମସ୍ତ ସାକ୍ଷୀ ପ୍ରମାଣକୁ ବିଚାର କରି ଶନିବାର ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପକ୍ସୋ କୋର୍ଟର ପ୍ରିଜାଇଡିଂ ଅଫିସର ମହେନ୍ଦ୍ର କୁମାର ସୂତ୍ରଧର ଅଭିଯୁକ୍ତ ପିଣ୍ଟୁଙ୍କୁ ଉକ୍ତ ଦଣ୍ଡାଦେଶ ଦେଇଛନ୍ତି । ଏଥିସହ ପୀଡିତା ନାବାଳିକାଙ୍କୁ ୧ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ସକାଶେ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ

## ଝାରସୁଗୁଡାରେ ବିଜୁବାବୁଙ୍କ ଶ୍ରାଦ୍ଧବାର୍ଷିକୀ

ଝାରସୁଗୁଡା ଅଫିସ୍,୧୭।୪

ଝାରସୁଗୁଡ଼ା ଜିଲାରେ ବିଜେଡି ତରଫରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୫ତମ ଶ୍ରାଦ୍ଧବାର୍ଷିକୀ ରବିବାର ପାଳିତ ହୋଇଯାଇଛି । ଏଥିମଧ୍ୟରେ ଝାରସୁଗୁଡା, ବ୍ରଜରାଜନଗର, ବେଲପାହାଡ ସହରାଞ୍ଚଳ ସହ ଲଖନପୁର, କୋଲାବିରା, ଲଇକେରା ଓ କିର୍ମିରା ଆଦି ବ୍ଲକ୍ ଅଞ୍ଚଳରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିମଧ୍ୟରେ ବିଜେଡି ଝାରସୁଗୁଡା ଟାଉନ୍ ସଭାପତି ସନ୍ଦୀପ ଅବସ୍ଥୀଙ୍କ ଅଧ୍ୟକ୍ଷତାରେ ଝାରସୁଗୁଡା ବଡମାଲ ସ୍ଥିତ ବିଜୁବାବୁଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କର ସ୍ମୃତିଚାରଣ କରାଯାଇଛି । ବସ୍‌ଷ୍ଟାଣ୍ଡ ନିକଟ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧା ସୁମନ ପ୍ରଦାନ କରାଯାଇଥିଲା । ତା'ପରେ ବସ୍‌ଷ୍ଟାଣ୍ଡ ଛକ, ପୁରୁଣାବସ୍ତି ଛକରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରବି ସିଂହ, ତାପସରାୟ ଚୌଧୁରୀ, ଗଙ୍ଗାଧର ଗଡନାୟକ, ଜୟ କୁମାରୀ ପଟେଲ, ହରିଶ ଗଣତ୍ରା, ମନୋରଞ୍ଜନ ମହାପାତ୍ର, ଜିଲା ଏସ୍‌ସିସେଲ୍ ସଭାପତି ଜୟ ପ୍ରକାଶ କୁଅଁର, ଦାମୋଦର ନାଥ, ତୁଳସୀ ଦାସ ପ୍ରମୁଖ କର୍ମକର୍ତ୍ତା ଯୋଗଦେଇ ଶ୍ରଦ୍ଧାସୁମନ ଜଣାଇଥିଲେ । ଏହି ଅବସରରେ ବିଜେଡିର ଜୀବନ ବିନ୍ଦୁ ଓ ଓଡିଶା ମୋ ପରିବାର ତରଫରୁ ରବିବାର ଅପରାହ୍ନରେ ସହର ମୁଖ୍ୟମାର୍ଗର ଏକ ହୋଟେଲରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ରକ୍ତଦାନ ଶିବିରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ଫିତାକାଟି ଶିବିରକୁ ଉଦ୍‌ଘାଟନ କରିଥିଲେ । ଏନେଇ ସେ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ବିଜୁବାବୁଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ଦାସ ଆହ୍ୱାନ ଦେବା ସହିତ ସାମୂହିକ ଶପଥ ପାଠ କରାଇଥିଲେ । ଶିବିରରେ ୬୦ୟୁନିଟ୍ ସଂଗୃହିତ ହୋଇଥିବା ଜଣାପଡିଛି । ଏଥିରେ ବିଜେଡି ଜିଲା ସହ ପର୍ଯ୍ୟବେକ୍ଷକ ବିଷ୍ଣୁ ପ୍ରସାଦ କେଡିଆ, ଜୟ ପ୍ରକାଶ କୁଅଁର, ପ୍ରଶାନ୍ତ ଜେନା, ଲିଙ୍ଗରାଜ ମହାପାତ୍ର, ପି. ରାମ ମୋହନ ରାଓ, ନାଗେଶ୍ୱରୀ ପ୍ରମୁଖ ଉପସ୍ଥିତ ଥିଲେ ।


ବଡମାଲସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି ।


ସବୁଜ ଓ ସ୍ୱଚ୍ଛ ଉର୍ଜା ପାଇଁ ସାଇକେଲ ରାଲିରେ ବାହାରିଥିବା ଛାତ୍ରମାନେ ।

# ସବୁଜ, ସ୍ୱଚ୍ଛ ଉର୍ଜା ପାଇଁ ସାଇକେଲ ରାଲି

ରାଉରକେଲା ଅଫିସ,୧୭।୪

ରାଉରକେଲା ସେକ୍ଟର-୨ ସ୍ଥିତ ମେଳଣ ପଡିଆରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ବିଭିନ୍ନ ତୈଳ କମ୍ପାନୀ ପକ୍ଷରୁ ସବୁଜ ଓ ସ୍ୱଚ୍ଛ ଉର୍ଜା ପାଇଁ ଏକ ସାଇକେଲ ରାଲି ରବିବାର ଅନୁଷ୍ଠିତ ହୋଇଛି । ଏହି ରାଲିକୁ ଇଣ୍ଡିଆନ ତୈଳ କମ୍ପାନୀର ପରିଚାଳକ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ପ୍ରତୀକ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ସ୍ୱଚ୍ଛ ଓ ସବୁଜ ପରିବେଶ ସହ କିଭଳି ଇନ୍ଧନକୁ ରକ୍ଷା କରାଯାଇପାରିବ ସେ ନେଇ ମଞ୍ଚାସୀନ ଅତିଥିଗଣ ମତପ୍ରକାଶ କରିଥିଲେ । ସାଇକେଲ ରାଲିରେ ବିଭିନ୍ନ ସ୍କୁଲର ଶହେ ଜଣ ଛାତ୍ର ଅଂଶଗ୍ରହଣ କରିଥିଲେ । ଏହି ରାଲି ସେକ୍ଟର-୨ ମେଳଣ ପଡିଆରୁ ବାହାରି ସେକ୍ଟର-୬ ଅଞ୍ଚଳ ଦେଇ ଟେଲିଫୋନ ଭବନରେ ପହଞ୍ଚିଥିଲା । ରାଲିରେ ସହରବାସୀଙ୍କୁ ସବୁଜ ପରିବେଶ ଓ ଉର୍ଜା ସଂରକ୍ଷଣ ସମ୍ପର୍କିତ ବିଭିନ୍ନ ସଚେତନତାମୂଳକ ଫଳକ ସାଇକେଲରେ ବନ୍ଧାଯାଇ ସହରବାସୀଙ୍କୁ ସଚେତନ କରାଯାଇଥିଲା । ଦିଲୀପ ନାୟକ, ଆକାଶ କୁମାର ସ୍ୱାଇଁଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ବଡବଜାର ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ବୈଠକ

ସମ୍ବଲପୁର,(ବ୍ୟୁରୋ): ବଡବଜାର ଶ୍ରୀଶ୍ରୀ ଶୀତଲେଶ୍ୱର ବାବାଙ୍କ ଶିତଲଷଷ୍ଠୀ ଯାତ୍ରା ପ୍ରସ୍ତୁତି ବୈଠକ ରବିବାର ରାତିରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ସୁରେନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ସଭା ହୋଇଥିଲେ । ଯାତ୍ରା ବିଷୟରେ ଉପସ୍ଥିତ ସଭ୍ୟମାନେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ବିଭିନ୍ନ ପ୍ରସ୍ତାବ ମଧ ଗୃହୀତ ହୋଇଛି । ଏହାପରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଅନୋଖା ଶ୍ରୀଶ୍ୟାମ ମନ୍ଦିର ପଞ୍ଚମ ପ୍ରତିଷ୍ଠା ଦିବସ ସମାରୋହ, ମନ୍ଦଲିଆ ପଡିଆ, ସନ୍ଧ୍ୟା ୬ଟା ।

## ସଂକ୍ଷେପରେ

### ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରକ୍ତଦାନ ଶିବିର

**ବ୍ରଜରାଜନଗର,୧୭।୪(ଡି.ଏନ.ଏ.):** ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ସ୍ଥାନୀୟ କଲ୍ୟାଣମଣ୍ଡପଠାରେ ରକ୍ତଦାନ ଶିବିର ହୋଇଥିଲା । କାର୍ଯ୍ୟକ୍ରମରେ ଝାରସୁଗୁଡା ଜିଲା ସହ ପ୍ରଭାରୀ ବିଷ୍ଣୁ ପ୍ରସାଦ କେଡ଼ିଆ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶୁଭାରମ୍ଭ କରିଥିଲେ । ପ୍ରାରମ୍ଭରେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। କର୍ମୀମାନେ ୧୦୬ୟୁନିଟ ରକ୍ତଦାନ କରିଥିଲେ। ସକାଳ ସମୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକଠାରେ ସମସ୍ତ କର୍ମୀ ଏକତ୍ରିତ ହୋଇଥିବା ବେଳେ ନୀରବ ପ୍ରାର୍ଥନା କରାଯାଇଥିଲା । ନଗର ସଭାପତି ରାଧାକାନ୍ତ ପ୍ରଧାନ ଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବନିର୍ବାଚିତ ସମସ୍ତ ବିଜେଡ଼ି କାଉନସିଲର ଓ ପୌରାଧକ୍ଷ ଯାଜ୍ଞସେନୀ ଓରାମ ଉପସ୍ଥିତ ଥିଲେ ।

### ଦେଇଥିବା ପ୍ରତିଶ୍ରୁତି ପାଳନ କଲେ ସରପଞ୍ଚ

**ବ୍ରଜରାଜନଗର,୧୭।୪(ଡି.ଏନ୍.ଏ.):** ଚଳିତବର୍ଷ ଶେଷ ହୋଇଥିବା ପଞ୍ଚାୟତ ନିର୍ବାଚନରେ ଭୋଟର୍‌ମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କଲେ ରାଜପୁର ପଞ୍ଚାୟତ ସରପଞ୍ଚ ସରସ୍ୱତୀ ନାୟକ। ରବିବାର ସରପଞ୍ଚ ନାୟକ ଅମାଦରହ ଓ ଜିନାନିମୁଣ୍ଡା ଗ୍ରାମକୁ ଯାଇ ବିଧବା ଭତ୍ତା ଓ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରିଥିଲେ। ଝାରସୁଗୁଡା ଜିଲାର ତାପମାତ୍ରା ପ୍ରାୟ ଅଧିକାଂଶ ସମୟ ୪୦ଡିଗ୍ରୀ ଉପରେ ରହୁଛି। ବୟସାଧିକ ବୃଦ୍ଧାବୃଦ୍ଧମାନଙ୍କୁ ଖରାରେ ୪ରୁ ୫କିଲୋମିଟର ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ପଡିବ ନାହିଁ। ଏଣିକି ପ୍ରତ୍ୟେକ ମାସରେ ପଞ୍ଚାୟତର ସମସ୍ତ ଗ୍ରାମକୁ ଯାଇ ଭତ୍ତା ବଣ୍ଟନ କରାଯିବ ବୋଲି ସରପଞ୍ଚ ସରସତୀ ନାୟକ ହିତାଧିକାରୀମାନଙ୍କୁ କହିଥିଲେ। ତେଣୁ ହିତାଧିକାରୀମାନଙ୍କ ପାଖକୁ ଯାଇ ଭତ୍ତା ବଣ୍ଟନ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ସମିତି ସଭ୍ୟା ସସ୍ମିତା ତନ୍ତୀ ପୂର୍ବତନ ସମିତି ସଭ୍ୟ ଗଣେଶ ବାଗ, ୱାର୍ଡ ମେମ୍ବରମାନେ ଉପସ୍ଥିତ ଥିଲେ।

### ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀଙ୍କ ପରଲୋକ

**ସମ୍ବଲପୁର,୧୭।୪(ବ୍ୟୁରୋ):** ସମ୍ବଲପୁର ଲକ୍ଷ୍ମୀ ଟକିଜ ନିକଟସ୍ଥ ଆଶାପାଲି ସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ପରମାଣିକ (୭୯)ଙ୍କ ରବିବାର ପରଲୋକ ହୋଇଯାଇଛି। ସୋମବାର ଅପରାହ୍ନ ୪ଟାରେ ସମ୍ବଲପୁର ବୁଢ଼ାରଜା କବରଖାନାରେ ତାଙ୍କ ଶେଷକୃତ୍ୟ ହେବ ବୋଲି ସ୍ମୃତିରଞ୍ଜନ ମହାପାତ୍ର କହିଛନ୍ତି।

### ବିଜୁ ଶ୍ରାଦ୍ଧ ଦିବସରେ ସଭା, ରକ୍ତଦାନ ଶିବିର

**ସମ୍ବଲପୁର /କୁଚିଣ୍ଡା,୧୭।୪(ଡି.ଏନ.ଏ./ ବ୍ୟୁରୋ):** ରବିବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳନ ଅବସରରେ ବିଜେଡ଼ି ପକ୍ଷରୁ କୁଚିଣ୍ଡାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ବିଧାୟକ କିଶୋର ନାୟକ, ସମ୍ବଲପୁର ଜିଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ, କୁଚିଣ୍ଡା ପଞ୍ଚାୟତ ସମିତି ଅଧକ୍ଷ ଭୁବନେଶ୍ୱର କିଷାନ, ଏନଏସି ଅଧକ୍ଷ ପ୍ରଦ୍ୟୁତ ମହାନ୍ତି, ଜିଲା ପରିଷଦ ସଦସ୍ୟ ଅଜିତ ମହାପାତ୍ର, କୃଷ୍ଣଚନ୍ଦ୍ର ଟପ୍ପୋ, କୁଚିଣ୍ଡା ବ୍ଲକ ବିଜେଡ଼ି ସଭାପତି ଅମୂଲ୍ୟ ମିଶ୍ର , ନଗର ସଭାପତି ସଞ୍ଜୟ ବେହେରା,ବିଜେଡି ଛାତ୍ର ସଭାପତି ଅଭିଲାଷ ଅଗ୍ରୱାଲ ଉପସ୍ଥିତ ଥିଲେ। ୨୦ ବିଜେଡ଼ି କର୍ମୀ ରକ୍ତଦାନ କରିଥିଲେ। ସେହିପରି ଯୁଯୁମୁରା ବ୍ଲକ ବିଜେଡି ପକ୍ଷରୁ ସଭା ଓ ରକ୍ତଦାନ ଶିବିର ହୋଇଥିଲା। ବ୍ଲକ ବିଜେଡି ସଭାପତି ବିନୋଦ ବଡପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେଢାଖୋଲ ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, ଜିଲାପରିଷଦ ଉପାଧ୍ୟକ୍ଷ ମାଧବ ମିର୍ଦ୍ଧା ଯୋଗ ଦେଇଥିଲେ। ଅତିଥିମାନେ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜୋନ ସଭାପତି ଦେବାଶିଷ ପରିଡା, ଲିପିଣ୍ଡା ସରପଞ୍ଚ ପ୍ରଫୁଲ ମିର୍ଦ୍ଧା, ନନ୍ଦ ରଣଜିତ,ରାଧାକାନ୍ତ ସାହୁ, ରାହାସ ନାଏକ, ପ୍ରହଲ୍ଲାଦ ପ୍ରଧାନ, ବୈରାଗୀ ଦେହୁରୀ, ଅଶ୍ୱିନୀ ଦେହୁରୀ, ଅଦିତ୍ୟ ନାଥ, ପ୍ରମୋଦ ପ୍ରଧାନ, ସିଙ୍କୁ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ରକ୍ତଦାନ ଶିବିର କରାଯାଇ ମୋଟ ୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ବୁର୍ଲା ଭୀମସାର ଡାକ୍ତରୀ ଟିମ୍ ସହଯୋଗ କରିଥିଲେ।

# ଜାଲ୍ ଜମାଖାତା ଖୋଲି ଜିଏସ୍‌ଟି ଠକେଇ

- ୪ ଜଣ ଗିରଫ
- ପୂର୍ବ ୧୨୪ କୋଟି ଠକେଇରେ ୨ଜଣଙ୍କ ସଂପୃକ୍ତି

**ସମ୍ବଲପୁର,୧୭।୪(ବ୍ୟୁରୋ)**

ସମ୍ବଲପୁର ସଦର ଥାନା ଅଞ୍ଚଳର ଅଚ୍ୟୁତାନନ୍ଦ ବଢେଇଙ୍କ ନାମରେ ଜାଲିଆତି କରି ଜିଏସଟି ଠକେଇ ହୋଇଥିବା ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ସାଇବର ଥାନା ପୋଲିସ ରାଉରକେଲାର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ୨ଜଣ ଅଧିକାରୀ ଓ ଅନ୍ୟ ଦୁଇ ଜଣଙ୍କୁ ଗିରଫ କରିଛି । ବ୍ୟାଙ୍କ ଅଧିକାରୀ ହେଲେ ରାଉରକେଲା ଉଦିତନଗର ବାସନ୍ତୀ କଲୋନୀର ଅକ୍ଷୟ କୁମାର ନାୟକ (୫୫) ଓ ପ୍ରଶାନ୍ତ କୁମାର ଜେନା(୫୩) । ଅନ୍ୟ ଦୁଇଜଣ ବାସନ୍ତୀ କଲୋନୀର ଅମିତ ବେରିୱାଲ(୪୨) ଓ ସୁବାଷ ଚନ୍ଦ୍ର ସ୍ୱାଇଁ(୫୨)ଙ୍କୁ ପୋଲିସ ଗିରଫ କରିଛି । ଅଭିଯୁକ୍ତମାନଙ୍କ ନିକଟରୁ ଏକ ଇନୋଭା କାର୍, ଦାମୀ ଫୋନ ଓ ଅନ୍ୟ ବ୍ୟାଙ୍କଗୁଡିକର କାଗଜପତ୍ର ଜବତ କରାଯାଇଛି । ସଂପୃକ୍ତ ୨ ଅଭିଯୁକ୍ତ ଅମିତ ଓ ସୁବାଷଙ୍କ ନାମରେ ପୂର୍ବରୁ ୧୨୪ କୋଟି ଟଙ୍କା କାରବାରରେ ଜିଏସଟି ଠକେଇ ମାମଲା ରହିଛି। ଏହି ଘଟଣାରେ ସେମାନେ ଜେଲ ଯାଇ ଜାମିନରେ ଆସିଛନ୍ତି। ରବିବାର ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି। ସେ ଆହୁରି କହିଛନ୍ତି ଯେ,ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରହିଛି। ମିଳିଥିବା ରିପୋର୍ଟ ଅନୁସାରେ ଅଚ୍ୟୁତାନନ୍ଦଙ୍କ ପାଖକୁ ଆୟକର ବିଭାଗ ପକ୍ଷରୁ ମାର୍ଚ୍ଚ ମାସରେ ନୋଟିସ ଆସିଥିଲା । ସେଥିରେ ଉଲ୍ଲେଖ ରହିଥିଲା ଯେ, ତମ ନାମରେ ଚାଲୁଥିବା ଷ୍ଟାର ଏଣ୍ଟରପ୍ରାଇଜେସ କମ୍ପାନୀ ୧୩ କୋଟି ୭୫ ଲକ୍ଷ ଟଙ୍କାର କାରବାର ନେଇ ଜିଏସଟି ଟଙ୍କା ପଇଠ କରାଯାଇ ନାହିଁ । ରାଉରକେଲାର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କରେ ଥିବା ଆକାଉଣ୍ଟରୁ ଏହି ନେଣଦେଣ ହୋଇଛି। ଶୀଘ୍ର ଜିଏସଟି ଟଙ୍କା ପଇଠ କରିବାକୁ ନିର୍ଦ୍ଦେଶ ରହିଥିଲା। ଏଥିରେ ଚକିତ ହୋଇ ଅଚ୍ୟୁତାନନ୍ଦ ପ୍ରଥମେ ଆୟକର ବିଭାଗ ଓ ପରେ ସାଇବର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରିଥିଲା। ପରେ ଜଣାପଡିଥିଲା ଯେ, ଅଚ୍ୟୁତଙ୍କ ନାମରେ ଜାଲିଆତି କରି ନାଗପୁରସ୍ଥିତ ଅର୍ବାନ କୋଅପରେଟିଭ ବ୍ୟାଙ୍କରେ ଖାତା ଖୋଲା ଯାଇଥିଲା।



ଏସ୍‌ପିଙ୍କ ନିକଟରେ ଗିରଫ ୪ ଅଭିଯୁକ୍ତ ।

# ଏନଏଲସି ଖଣି ପରିଦର୍ଶନ କଲେ ଉପଜିଲାପାଳ ଓ ତହସିଲଦାର

**ରେଙ୍ଗାଲି,୧୭।୪(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ତଲାବିରା ୨ ଓ ୩ କୋଇଲା ଖଣି ଖନନ କାର୍ଯ୍ୟ କରୁଥିବା ଏନଏଲସି କମ୍ପାନୀ ବିରୋଧରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ସମ୍ବଲପୁର ସଦର ଉପଜିଲାପାଳ ମୟୁର ସୂର୍ଯ୍ୟ ବଂଶୀ ବିକାଶ ଓ ରେଙ୍ଗାଲି ତହସିଲଦାର ଦମୟନ୍ତୀ ସାହୁ ଶନିବାର ଖଣି ଅଞ୍ଚଳ ପରିଦର୍ଶନ କରିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ଯେବେଠାରୁ ଉକ୍ତ କମ୍ପାନୀ ତଲାବିରା ୨ ଓ ୩ କୋଇଲା ଖଣି ଖନନ କାର୍ଯ୍ୟ ଆରମ୍ଭ କରିଛି ସେବେଠାରୁ ବିଭିନ୍ନ ସମସ୍ୟା ଲାଗି ରହିଛି । ଏ ନେଇ ଗ୍ରାମବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା । ଗତ ୧୧ ତାରିଖ ଦିନ ଖିଣ୍ଡା ସରପଞ୍ଚ ସନ୍ଧ୍ୟାରାଣୀ ପଧାନ, ସମିତି ସଭ୍ୟା ଅନୀତା ସିଂ, ନାଏବ ସରପଞ୍ଚ ଲାଲ ବୀରେନ୍ଦ୍ର ସାଏ କମ୍ପାନୀର ବେପରୁଆ ନୀତି ବିରୋଧରେ ୧୧ ଦଫା ସମ୍ବଳିତ ଦାବିପତ୍ର ସମ୍ବଲପୁର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଉକ୍ତ ଦାବିଗୁଡିକ ପୂରଣ ନିମନ୍ତେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସମ୍ବଲପୁର ଉପ ଜିଲାପାଳ ଓ ରେଙ୍ଗାଲି ତହସିଲଦାର ଖଣି ପରିଦର୍ଶନ କରିବା ସହିତ ଅଞ୍ଚଳର ଲୋକଙ୍କ ସହିତ ଆଲୋଚନା କରିଥିଲେ। ବାବୁଲୁ ରାଉତ,ରୁଦ୍ର ପ୍ରଧାନ, ରୋହିତ ରାଉତ, ତରୁଣ ବୁଧିଆ , ସୁବ୍ରତ ବୁଧିଆ, ଦେବେନ୍ଦ୍ର ବିଶ୍ୱାଳ ଉପସ୍ଥିତ ରହିଥିଲେ।


ସମ୍ବଲପୁର ଉପଜିଲାପାଳ ଆଲୋଚନା କରୁଛନ୍ତି।

### ରକ୍ତଦାନ ଶିବିର

**ଜମନକିରା,୧୭।୪(ଡି.ଏନ.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ସଦର ମହକୁମା ସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ପୂର୍ବାହ୍ନରେ ଜମନକିରା ବିଜେଡି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୮ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଜମନକିରା ଜୋନ ୧ ଜିଲା ପରିଷଦ ସଭ୍ୟା ସୁଜାତା ଖୁଣ୍ଟିଆ ଯୋଗ ଦେଇ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଭାପତି ଶୋଭାରାମ ପ୍ରଧାନ, ମିଳନ ଖୁଣ୍ଟିଆ, ସମାଜ ସେବୀ ଆଦି ପ୍ରସାଦ ମହାକୁଳ, ନବୀନ ପଟେଲ, ଶିଶିର ପଟ୍ଟନାୟକ, ପିଛାଲୁ ଭୋଇ, , ଚୂଡ଼ାମଣି ପଟେଲ, ରାଜୀବ ନାୟକ, ଦିଲିପ ସାହୁ, ସୁଦର୍ଶନ ଖୁଣ୍ଟିଆ, କାନନବାଳା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସମ୍ବଲପୁର ରକ୍ତଭଣ୍ଡାରରୁ ଏଲ.ଟି ସନ୍ତୋଷ ଗୌଡ଼, କାଉନସିଲର କରମଦେବ ପଟେଲ, ମନବୋଧ ନାଏକ ପ୍ରମୁଖ ଉପସ୍ଥିତ ରହି ରକ୍ତସଂଗ୍ରହ କରିଥିଲେ। ଏହି ଅବସରରେ ଜମନକିରା ଚିକିତ୍ସାଳୟର କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

# ବିଜୁବାବୁ ଶ୍ରାଦ୍ଧ ଦିବସରେ ସଫେଇ, ତିଳତର୍ପଣ


ପ୍ରଧାନପାଟଠାରେ ସାମୁହିକ ତିଳତର୍ପଣ କରାଯାଉଛି।

**ଦେବଗଡ଼,୧୭।୪(ଡି.ଏନ.ଏ.)**

ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଅବସରରେ ରବିବାର ଜିଲା ବିଜେଡି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି ଅବସରରେ ସକାଳୁ ସ୍ଥାନୀୟ ପ୍ରଧାନପାଟଠାରେ ସାମୁହିକ ତିଳତର୍ପଣ କରାଯିବା ସହ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ସ୍ଥାନୀୟ ଶିଶୁ ଉଦ୍ୟାନଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ବିଜୁବାବୁଙ୍କ ସ୍ମୃତି ଚାରଣ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ବିଜେଡି ନେତା ତଥା ଆଇନଜୀବୀ କାମାକ୍ଷା ପ୍ରସାଦ ଗଙ୍ଗଦେବଙ୍କ ପରିଚାଳନାରେ ଆୟୋଜିତ ସଭାରେ ଉପସ୍ଥିତ ନେତା ଓ କର୍ମୀ ସ୍ମୃତିଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବିଜେଡି ଉପ ସଭାପତି ଦେବେନ୍ଦ୍ର ବେହେରା,ଦେବଗଡ଼ ପୌରପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ନଗର ବିଜେଡି ନଗର ସଭାପତି ଶୁକଦେବ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ୟାମ ମେଟାଲିକ୍ସ ଫାଉଣ୍ଡେଶନର ଆତ୍ମନିଯୁକ୍ତି ତାଲିମ ଶିବର


ସମ୍ବଲପୁର ଶ୍ୟାମ ମେଟାଲିକ୍ସ ଆତ୍ମ ନିଯୁକ୍ତି ତାଲିମ ଶିବିର ।

**ସମ୍ବଲପୁର,୧୭।୪(ବ୍ୟୁରୋ)**

ସମ୍ବଲପୁର ରେଙ୍ଗାଲିସ୍ଥିତ ଶ୍ୟାମ ମେଟାଲିକ୍ସ ଫାଉଣ୍ଡେସନ ଓ ଉଷା ଇଣ୍ଟରନ୍ୟାଶନାଲ ପକ୍ଷରୁ ଆତ୍ମନିଯୁକ୍ତି ତାଲିମ ଶିବର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ବ୍ୟାଚରେ ସିଲେଇ ପ୍ରଶିକ୍ଷଣ ନେଇଥିବା ଯୁବତୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ରେଙ୍ଗାଲି ବିଡିଓ ଶଙ୍କରପ୍ରସାଦ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟନ କରାଯାଇଥିଲା। ଶ୍ୟାମ ମେଟାଲିକ୍ସ ନିର୍ଦ୍ଦେଶକ ଡି. କେ. ତିୱାରୀ ଉପସ୍ଥିତ ରହିଥିଲେ। ସେ ଗ୍ରାମାଞ୍ଚଳ ମହିଳାମାନଙ୍କୁ ଉତ୍ସାହିତ କରି ଏହି ତାଲିମ ନେଇ ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ କରିଥିଲେ । ନିଶାନଭଙ୍ଗା ପଞ୍ଚାୟତର ସରୋଜ ମେହେର ଓ ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ଆନ୍ତଃଜିଲା କ୍ୟାରମ ଟୁର୍ନାମେଣ୍ଟ ଉଦ୍‌ଯାପିତ

- ପୁରୀ ଜିଲା ଦଳଗତ ଚାମ୍ପିୟନ
- ମହିଳାରେ ଦୀପା, ପୁରୁଷରେ ଗୌତମ ଚାମ୍ପିୟନ

**ସମ୍ବଲପୁର,୧୭।୪(ବ୍ୟୁରୋ)**

ନବମ ଓଡ଼ିଶା ଆନ୍ତଃ ଜିଲା କ୍ୟାରେମ ଟୁର୍ନାମେଣ୍ଟ ରବିବାର ସମ୍ବଲପୁର ଦଲେଇପଡା କଲ୍ୟାଣମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ମହିଳା ସିଙ୍ଗଲ ବର୍ଗରେ ଖୋର୍ଦ୍ଧାର ଦୀପା ନାୟକ ଚାମ୍ପିୟାନ ଓ ଗୀତା ଦେବୀ ରନର୍ସଅପ ଏବଂ ସୁନ୍ଦରଗଡର ପି କେ ମିଞ୍ଜ ତୃତୀୟ ହୋଇଛନ୍ତି। ସେହିପରି ପୁରୁଷ ବର୍ଗରେ ପୁରୀର ଗୌତମ ପ୍ରସାଦ ଭୋଲ ଚାମ୍ପିୟନ, କୋରପୁଟର ଏସ କେ ମାହୀ ରନର୍ସଅପ, ପୁରୀର ଦେବୀ ପ୍ରସାଦ ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୁରୁଷ ଭେଟେରାନରେ ସମ୍ବଲପୁରର ରାଧେଶ୍ୟାମ ସାହୁ ଚାମ୍ପିୟନ, ଖୋର୍ଦ୍ଧାର କେ କେ ପଟ୍ଟନାୟକ ରନର୍ସଅପ ଏବଂ ସୁନ୍ଦରଗଡ ଜିଲାର କେ କେ ମିଞ୍ଜ ତୃତୀୟ ସ୍ଥାନ ହାସଲ କରିଛନ୍ତି। ପୁରୀ ଜିଲା ଦଳଗତ ଚାମ୍ପିୟନ ହୋଇଥିବା ବେଳେ ଖୋର୍ଦ୍ଧା ଜିଲା ରନର୍ସ ଅପ ଟ୍ରଫି ହାସଲ କରିଛି। ସେହପରି କୋରାପୁଟ ଜିଲା ତୃତୀୟ ସ୍ଥାନରେ ରହିଛି । ସରକାରୀ ଉପମୁଖ୍ୟ ସଚେତକ ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ମୁଖ୍ୟଅତିଥି ଓ ବିଜୁ ଜନତା ଦଳ ଯୁବନେତା ସିଦ୍ଧାର୍ଥ ସାହା ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ । ସମ୍ବଲପୁର ଜିଲା କ୍ୟାରେମ ଆସୋସିଏସଶନର ସଭାପତି ଯୁବରାଜ ବନ୍‌ଛୋରଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ଅଲ୍‌ଓଡ଼ିଶା ଷ୍ଟେଟ୍ କ୍ୟାରେମ୍ ଏସୋସିଏଶନ୍‌ର ସାଧାରଣ ସଂପାଦକ ଏସ୍. ଅବଦୁଲ୍ଲା , ମୋହନଭାଇ ପଟେଲ ସମ୍ବଲପୁର କ୍ୟାରେମ୍ ଏସୋସିଏଶନ ସାଧାରଣ ସମ୍ପାଦକ ଅନୀଲ ମିଶ୍ର, ସାଂଗଠାନିକ ସହଂପାଦକ ରାହୁଲ ଠାକୁର, ରାଜେଶ ରାଏ, ଦେବେନ୍ଦ୍ରନାଥ ବାରିକ, ଦିଲିପ କୁମାର, ସତ୍ୟନାରାୟଣ ବରିହାଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ହୋଇଥିଲା। ଶେଷରେ ଦେବେନ୍ଦ୍ରନାଥ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ବଲପୁର ଜିଲା ସାମ୍ବାଦିକ ସଂଘର ନୂତନ ଭବନ ଉଦ୍‌ଘାଟିତ

- ୪ଟି ଜିଲାର ସଭ୍ୟମାନେ ସାମିଲ ହେଲେ
- ୧୧ଜଣ ବରିଷ୍ଠ ସଭ୍ୟ ସମ୍ବର୍ଦ୍ଧିତ

**ସମ୍ବଲପୁର,୧୭।୪(ବ୍ୟୁରୋ)**

ଭାରତୀୟ ପେଷାଦାର ସାମ୍ବାଦିକ ମହାସଂଘ ଓ ଉତ୍କଳ ସାମ୍ବାଦିକ ସଂଘ ସହ ଅନୁବନ୍ଧିତ ସମ୍ବଲପୁର ଜିଲା ସାମ୍ବାଦିକ ସଂଘର ନୂତନ ଭବନ ଏବଂ ପ୍ରଶାନ୍ତ ମହାନ୍ତି ସଭାଗୃହ ରବିବାର ଉଦଘାଟିତ ହୋଇଛି। ଜିଲା ସାମ୍ବାଦିକ ସଂଘର ସଭାପତି ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା। ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବଂଶୀଧର ମାଝୀ, ଡା. ନାରାୟଣୀ ପଣ୍ଡା, ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୁତି ଭୂଷଣ କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପୁରୁଖା ସାମ୍ବାଦିକ ସମ୍ବଲପୁରର ଅଶୋକ କୁମାର ପଣ୍ଡା ଓ କିଶୋର ଚନ୍ଦ୍ର ଦାସ, ଝାରସୁଗୁଡାର ତପସ୍ୱୀ ଲାଲ୍ ତିୱାରୀ, ପଦମପୁରର ଲାଲବିହାରୀ ମିଶ୍ର, ବରଗଡର ଶଙ୍କର ବଲ୍ଲଭ ମିଶ୍ର, ଦେବଗଡର ଲଳିତ ମୋହନ ସାହୁ ଏବଂ ମିତ୍ରଭାନୁ ମହାପାତ୍ର, ସମ୍ବଲପୁର ଜିଲା ରେଢ଼ାଖୋଲର ଗୋବର୍ଦ୍ଧନ ବଘାର, ସୁବର୍ଣ୍ଣପୁର ବୀରମହାରାଜପୁରର ବାସୁଦେବ ପଣ୍ଡା, ସ୍ୱୟମ୍ଭୁନାଥ ଖଣ୍ଡଗିରି, ସୁବଳୟାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଏବଂ ପ୍ରଶସ୍ତିପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଇଞ୍ଜିନିୟର ନାରାୟଣ ପଟେଲ ଓ ମନ୍ମଥ ମହାନ୍ତିଙ୍କୁ ମଧ ଅତିଥି ସମ୍ମାନିତ କରିଥିଲେ। ପ୍ରାରମ୍ଭରେ ପୂଜା ଅର୍ଚ୍ଚନା କରାଯିବା ପରେ ଡାକ୍ତର ନାରାୟଣୀ ପଣ୍ଡା ଭବନ, କାର୍ଯ୍ୟାଳୟ, ହଲକୁ ଉଦଘାଟନ କରିଥିଲେ। ବରିଷ୍ଠ ସଦସ୍ୟ କିଶୋର କୁମାର ସାହୁ ସ୍ୱାଗତ ଭାଷଣ ଦେବା ସହିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସଂଘର ଜିଲା ସାଧାରଣ ସମ୍ପାଦକ ଶଙ୍କର ବେହେରା, ପ୍ରୀତି ସୁନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇ ସଂଘର ବିଭିନ୍ନ ବିଷୟରେ ଆଲୋଚନା କରଥିଲେ। ସ୍ତମ୍ଭକାର ରାଜେଶ, ଆଇନଜୀବୀ ହେତମ୍ବଚନ୍ଦ୍ର ଦାନୀ, ଅଶୋକ ସେନାପତି, ଶିକ୍ଷାବିତ ଡ.ନନ୍ଦକିଶୋର ଦେବତା, ଡା. ଜୟଦେବ ମେହେରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ସେହିପରି ସମ୍ବଲପୁର, ବରଗଡ, ଦେବଗଡ ଓ ଝାରସୁଗୁଡା ଜିଲାରୁ ସଂଘ ସଭ୍ୟମାନେ ସାମିଲ ହୋଇଥିଲେ। ଶେଷରେ ବରିଷ୍ଠ ସଭ୍ୟ ପ୍ରିୟରଞ୍ଜନ ବାବୁ ଧନ୍ୟବାଦ ଅର୍ପଣ କରିଥିଲେ । ଦିବଙ୍ଗତ ୨୦ଜଣ ସଭ୍ୟଙ୍କ ଅମର ଆତ୍ମାର ସତଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲ ।


ରବିବାର ଅତିଥିମାନେ ସମ୍ବଲପୁର ଜିଲା ସାମ୍ବାଦିକ ସଂଘର ନୂତନ ଭବନ ଓ ପ୍ରଶାନ୍ତ ମହାନ୍ତି ସଭାଗୃହକୁ ଉଦ୍‌ଘାଟନ କରୁଛନ୍ତି ।


ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ରବିବାର ସୁନ୍ଦରଗଡ଼ ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ଯୋଗେଶ ସିଂହ, ପୌର ଉପାଧକ୍ଷ ଲଲାଟେନ୍ଦୁ ପରିଡା ଏବଂ ଅନ୍ୟ କାର୍ଯ୍ୟକର୍ତ୍ତା ଜନସାଧାରଣଙ୍କୁ ସରବତ ବଣ୍ଟନ କରୁଛନ୍ତି।


ରବିବାର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲାସ୍ଥିତ ଛଟପୂଜା ଘାଟରେ ବିଜୁ ଜନତା ଦଳ ନେତା ଓ କର୍ମୀମାନେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ତିଳ ତର୍ପଣ କରୁଛନ୍ତି ।

## ଅବକାରୀ ନିରୀକ୍ଷକ ପଦବୀ ପୂରଣ ଦାବି

ପଦ୍ମପୁର,(ଡି.ଏନ.ଏ): ବରଗଡ ଜିଲା ପଦ୍ମପୁର ଉପଖଣ୍ଡରେ ପ୍ରାୟ ବର୍ଷେ ହେବ ଅବକାରୀ ନିରୀକ୍ଷକ ପଦବୀ ଖାଲି ପଡିଛି। ଏହି ଉପଖଣ୍ଡ ଛତିଶଗଡ଼ ସୀମାକୁ ଲାଗିରହିଛି। ଏଠାରେ ଅବକାରୀ ନିରୀକ୍ଷକ ନ ଥିବାରୁ ବ୍ୟବସାୟୀମାନେ ଅନାୟାସରେ ଛତିଶଗଡ଼ ଅଞ୍ଚଳକୁ ମଦ, ମହୁଲ ଚୋରାଚାଲାଣ କରୁଛନ୍ତି। ଫଳରେ ତୁରନ୍ତ ଅବକାରୀ ନିରୀକ୍ଷକ ପଦବୀ ପୂରଣ କରିବା ପାଇଁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।



## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ, ଜଣେ ଗୁରୁତର

ବୌଦ୍ଧ,୧୭।୪(ସ୍ୱପ୍ର) : ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଜଗନ୍ନାଥ ସଡକରେ ମୋଟର ସାଇକେଲ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ସୁରେନ୍ଦ୍ର ବେହେରା (୨୬)। ମିଳିଥିବା ସୂଚନା ମୁତାବକ, ହରଭଙ୍ଗା ବ୍ଲକ ପାଣିଘରା ଗ୍ରାମର ସୁରେନ୍ଦ୍ର ଓ ବୁଲୁରା ଗ୍ରାମର ଅନିଲ କର୍ମୀ ଗତ ଶନିବାର ଦିନ କୌଣସି କାମରେ ବୌଦ୍ଧକୁ ଆସି ମୋଟର ସାଇକେଲରେ ନିଜ ଗ୍ରାମକୁ ଫେରୁଥିଲେ। ଜଗନ୍ନାଥ ସଡକର ପଲସପାଟ ତସଲା ପଡିଆ ଠାରେ ମୋଟର ସାଇକେଲ କୌଣସି କାରଣରୁ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମେଡିକାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ସୁରେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। । ଅନିଲଙ୍କୁ ବୁର୍ଲା ମେଡିକାଲକୁ ପଠାଯାଇଛି। ଏ ନେଇ ବୌଦ୍ଧ ଥାନା ପୋଲିସ ଏକ ମାମଲା ରୁଜୁ କରଛି ।

### ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳନ

ବୌଦ୍ଧ,୧୭।୪(ସ୍ୱ.ପ୍ର.): ବୌଦ୍ଧ ଜିଲା ବିଜେଡି ପକ୍ଷରୁ ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସକାଳୁ ବୌଦ୍ଧ ମହାନଦୀ ବ୍ରିଜଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ପ୍ରଦୀପ କୁମାର ଅମାତ, ଜିଲାପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ ଓ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତାମାନେ ମାଲ୍ୟାର୍ପଣ କରିଥିଲେ। ପରେ ଏନଏସି କଲ୍ୟାଣମଣ୍ଡପଠାରେ ରାଜ୍ୟ ବିଜେଡି ଯୁଗ୍ମ ସଂପାଦକ ଅଶୋକ କୁମାର ସାହୁଙ୍କ ଅଧକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବରେ ବିଧାୟକ ଅମାତ ଯୋଗଦେଇ ସ୍ୱର୍ଗତ ବିଜୁବାବୁଙ୍କ ବହୁମୁଖୀ ପ୍ରତିଭା। ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ତାରେଣି ମହାପାତ୍ର,ବରିଷ୍ଠ ନେତା ଧୃରୀଣ କୁମାର ଦେହୁରୀ, ୭ ନମ୍ବର ଜୋନ ଜିଲାପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର ପ୍ରମୁଖ ବିଜୁବାବୁଙ୍କ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଦଳୀୟ କାର୍ଯ୍ୟକର୍ତ୍ତା,ନବନିର୍ବାଚିତ ୱାର୍ଡ ସଭ୍ୟାସଭ୍ୟ ଓ କର୍ମୀ ସାମିଲ ହୋଇଥିଲେ।

### ଆତ୍ମସୁରକ୍ଷା ତାଲିମ ଶିବର ଉଦ୍‌ଯାପିତ

ପଲମ/କର୍ଲାମୁଣ୍ଡା,୧୭।୪(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ଯୋରାଡବରା ପଞ୍ଚାୟତସ୍ଥିତ ହରଗୌରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଅଧକ୍ଷ ସୁବୋଧ କୁମାର ଶତପଥୀଙ୍କ ଅଧକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ୧୩୧ଜଣ ଛାତ୍ରୀଙ୍କୁ ତାଲିମ ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସଭାରେ ଗଗନ ବିହାରୀ ମହାପାତ୍ର, ଲମ୍ବୋଦର ସାହୁକାର, ପ୍ରସନ୍ନ ବେହେରା,ଶିବାଜୀ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ । ପ୍ରଶିକ୍ଷକ ବର୍ଷା ପ୍ରିୟଦର୍ଶିନୀ ୮ଦିନ ଧରି ବାଳିକାମାନଙ୍କୁ ତାଲିମ ଦେଇଥିଲେ । ଶେଷରେ ଖେଳ ଶିକ୍ଷକ ରାଜକିଶୋର ରଣା ଧନ୍ୟବାଦ ଦେଇଥିଲେ ।

### ପୂର୍ବତନ ପ୍ରଧାନଶିକ୍ଷକଙ୍କ ବିୟୋଗରେ ଶୋକସଭା

ବାଉଁଶୁଣୀ,୧୭।୪(ଡି.ଏନ.ଏ.): ବୌଦ୍ଧ ବ୍ଲକ ଅନ୍ତର୍ଗତ ବହିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସ୍ୱର୍ଗତ ବାଳୀଚରଣ ସିଂହଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ସ୍ୱର୍ଗତ ସିଂହଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ସ୍ଥାନୀୟ ହାଇସ୍କୁଲ ଶିକ୍ଷକ ଦେଶବନ୍ଧୁ ମହାକୁଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ପ୍ରଧାନଶିକ୍ଷକ ସୁଦାମ ଶେଖର ପୁରୋହିତ, ଅଇଁଳାପାଲି ଗ୍ରାମ ପଞ୍ଚାୟତ ସରପଞ୍ଚ ଅଜିତ କୁମାର ମେହେର, ବହିରା ସରପଞ୍ଚ ଯଯାତି କେଶରୀ ମହାଲିକ, ବିଦ୍ୟାଳୟ ପ୍ରଧାନଶିକ୍ଷକ କୋଦଣ୍ଡଧର ମେହେର, ଶିକ୍ଷା କମିଟି ସଭାପତି ଶିବପ୍ରସାଦ ଗାଈଗୋରିଆ, ସହକାରୀ ଶିକ୍ଷୟିତ୍ରୀ ବିଜୟନୀ ପାତ୍ର, ଶିକ୍ଷକ ଶ୍ରୀଧର ସାହୁ, ପୁରାତନ ଛାତ୍ର ସତ୍ୟନାରାୟଣ ପୋଥାଳ ଯୋଗଦେଇ ସ୍ୱର୍ଗତ ସିଂହଙ୍କ ସ୍ମୃତି ଚାରଣ କରିଥିଲେ । ଶିକ୍ଷୟିତ୍ରୀ କଳ୍ପନା ଦିଶିରି ଧନ୍ୟବାଦ ଅର୍ପଣ କରିଥିଲେ ।

# କାର୍ଯ୍ୟକ୍ରମଗତ ଅସୁବିଧା ଦୂରୀକରଣ ନିର୍ଦ୍ଦେଶ

- ଆକାଂକ୍ଷୀ ଜିଲା ବଲାଙ୍ଗୀର ଗସ୍ତରେ ଆସି ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ
- ଜିଲାର ଉନ୍ନତି ପାଇଁ ସେତୁ ଭଳି କାମ କରିବ:ସାଧ୍ୱୀ ନିରଞ୍ଜନ ଜ୍ୟୋତି

ବଲାଙ୍ଗୀର ଅଫିସ, ୧୭।୪



ବଲାଙ୍ଗୀର ଡିଆରଡିଏ ସମ୍ମିଳନୀ କକ୍ଷରେ କେନ୍ଦ୍ରମନ୍ତ୍ରୀ ସାଧ୍ୱୀ ନିରଞ୍ଜନ ଜ୍ୟୋତିଙ୍କ ସମୀକ୍ଷା ବୈଠକ।

ଭାରତ ସରକାରଙ୍କ ଖାଉଟି କଲ୍ୟାଣ, ଖାଦ୍ୟ ଓ ସାଧାରଣ ବଣ୍ଟନ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସାଧ୍ୱୀ ନିରଞ୍ଜନ ଜ୍ୟୋତି ରବିବାର ବଲାଙ୍ଗୀର ଜିଲା ଗସ୍ତରେ ଆସି ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ ସହ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିଥିଲେ। ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ବିଧାୟକ ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, କେନ୍ଦ୍ରମନ୍ତ୍ରୀଙ୍କ ଅତିରିକ୍ତ ପ୍ରାଇଭେଟ୍ ସେକ୍ରେଟାରୀ ସୌରଭ ଅଗ୍ରୱାଲ, କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଚନ୍ଦ୍ରଶେଖର କୁମାର, ଜିଲାପାଳ ଚଞ୍ଚଳ ରାଣା, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ସିଂ, ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ୨୦୧୮ ମସିହାରୁ ନିତି ଆୟୋଗ ବଲାଙ୍ଗୀର ଜିଲାକୁ ଆକାଂକ୍ଷୀ ଜିଲା ଭାବେ ଘୋଷଣା କରିବା ପରଠାରୁ କିଭଳି ଭାବେ ଉନ୍ନୟନ କାର୍ଯ୍ୟ ଚାଲିଛି ତାର ମାପଦଣ୍ଡଭିତ୍ତିକ ସମୀକ୍ଷା କରାଯାଇଥିଲା।

ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାର ସମୀକ୍ଷା କରି ଏହି ଯୋଜନାରେ ଜିଲାରେ କେତେ ରାସ୍ତା ପ୍ରକଳ୍ପ ଅଦ୍ୟାବଧି ଶେଷ ହୋଇଛି ତାର ସମୀକ୍ଷା ହୋଇଥିଲା। କୃଷି ସଶକ୍ତିକରଣ ଯୋଜନା, ଜଳ ଜୀବନ ମିଶନ, ପିଏମ୍ କିଶାନ, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ଗ୍ରାମୀଣ ବିଦ୍ୟୁତ୍‌କରଣ ଯୋଜନାର ଅଗ୍ରଗତି ଓ କାର୍ଯ୍ୟକାରିତା ଉପରେ ସମୀକ୍ଷା ହୋଇଥିଲା। ଏହାପରେ ଏସ୍‌ଏଚ୍‌ଜି ସମସ୍ୟାମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିଥିଲେ। ପରେ ପ୍ରେସ୍‌ମିଟ୍‌ରେ ମନ୍ତ୍ରୀ ସମୀକ୍ଷା ଉପରେ ସୂଚନା ଦେଇ କହିଥିଲେ ଯେ, ଜିଲାରେ ଆକାଂକ୍ଷୀ କାର୍ଯ୍ୟକ୍ରମ ଜରିଆରେ ବିକାଶମୂଳକ କାର୍ଯ୍ୟକ୍ରମ ହୋଇଛି। ସ୍ୱାସ୍ଥ୍ୟ ଓ ପୋଷଣରେ ଉନ୍ନତି ଆସିଛି। ମହିଳା ସ୍ୱାବଲମ୍ବନ କ୍ଷେତ୍ରରେ ବିକାଶ ହୋଇଛି। ଏହି ଜିଲାର ମହିଳାମାନେ ଘରୁ ଗୋଡ କାଢ଼ି ଏବେ ସ୍ୱାବଲମ୍ବୀ ହୋଇଛନ୍ତି। ଦେଶରେ ୮ କୋଟି ମହିଳା ସ୍ୱାବଲମ୍ବୀ ହୋଇଛନ୍ତି ଏହା ଗୋଟିଏ ବଡ ଉପଲବ୍ଧି ବୋଲି କହିଥିଲେ। ଏବେ ଏମଜିଏନ୍‌ଆରିଜିଏ ଯୋଜନାକୁ କୃଷି ସିଚାଇ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଜିଲାର ଉନ୍ନତି ଦିଗରେ କେନ୍ଦ୍ର ସରକାରଙ୍କଠାରେ ଯାହାବି କରିବାର ହେବ ସେ ଜିଲାବାସୀଙ୍କ ପାଇଁ ସେତୁ ଭଳି କାମ କରିବେ ବୋଲି କେନ୍ଦ୍ରମନ୍ତ୍ରୀ ଜ୍ୟୋତି କହିଥିଲେ। ଯେଉଁ ଠାରେ କାର୍ଯ୍ୟକ୍ରମଗତ ଅସୁବିଧା ରହିଛି ଏହା ଦୂରୀକରଣ ପାଇଁ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିବା କହିଥିଲେ। କୃଷି ସିଚାଇ ଯୋଜନାରେ ଲୋୟର ସୁକ୍‌ତେଲ ଯୋଜନାକୁ ଅନ୍ତର୍ଭୁକ୍ତ କରାଯିବା ପ୍ରଶ୍ନର ସେ ଉତ୍ତର ଦେଇ ନ ଥିଲେ। ପରେ ଲର୍କପାଲି ସରକାରୀ ଆଇଟିଆଇ ସ୍ଥିତ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ।

## ଆକାଂକ୍ଷୀ କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ବଜେଟ ବ୍ୟବସ୍ଥା ନାହିଁ: ନରସିଂହ

କେନ୍ଦ୍ରମନ୍ତ୍ରୀ ସାଧ୍ୱୀ ନିରଞ୍ଜନ ଜ୍ୟୋତି ରବିବାର ବଲାଙ୍ଗୀର ଗସ୍ତରେ ଆସି ଜିଲାର ଆକାଂକ୍ଷୀ କାର୍ଯ୍ୟକ୍ରମ ଗୁଡିକର ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବେଳେ ସ୍ପଷ୍ଟ ହୋଇଛି ଯେ, ଏହି ଆକାଂକ୍ଷୀ କାର୍ଯ୍ୟକ୍ରମ ପାଇଁ କେନ୍ଦ୍ର ସରକାରଙ୍କ କୌଣସି ସ୍ୱତନ୍ତ୍ର ବଜେଟ ପ୍ରାବଧାନ ହେଉନାହିଁ। ଏଥିରୁ ସ୍ପଷ୍ଟ ଯେ, ଏହି ପରିଚିହ୍ନିତ ଜିଲା ଗୁଡିକରେ କିଭଳି ଭାବେ ବିକାଶ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେଉଥିବ। ଏହା ଫମ୍ପା ମାଠିଆର ଶବ୍ଦ ବେଶୀ ଭଳି ଅବସ୍ଥା। ଆକାଂକ୍ଷୀ ନାଁରେ ରାଜନୀତି ବେଶୀ ଓ ବିକାଶ କମ୍ ବୋଲି ବଲାଙ୍ଗୀର ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର କହିଛନ୍ତି। ସମୀକ୍ଷା ବୈଠକରେ ବିଧାୟକ ମିଶ୍ର ଯୋଗଦେଇ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସରକାର କେତେ ବଜେଟ ବ୍ୟବସ୍ଥା କରିଛନ୍ତି ଓ ସେଥିରୁ କେଉଁ କ୍ଷେତ୍ରରେ କେତେ ଖର୍ଚ୍ଚ ହେଉଛି ସେନେଇ ତଥ୍ୟ ଦେବାକୁ କହିଥିଲେ। ଏହି ପ୍ରଶ୍ନର ଉତ୍ତରରେ ଜିଲାପାଳ ଚଞ୍ଚଳ ରାଣା ଯାହା କହିଲେ ସେଥିରୁ ସ୍ପଷ୍ଟ ହେଲା ଯେ, ଏହି ଆକାଂକ୍ଷୀ କାର୍ଯ୍ୟକ୍ରମ ପାଇଁ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ବଜେଟ ବ୍ୟବସ୍ଥା ନାହିଁ। ଅନ୍ୟ ଯୋଜନା ଗୁଡିକ ପାଇଁ ଯାହା ସାଧାରଣ ବଜେଟ ବ୍ୟବସ୍ଥା ହେଉଛି ତାର ଇନ୍‌ସେନଟିଭରେ କିଛି କାର୍ଯ୍ୟକ୍ରମ ହେଉଥିବା ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟକ୍ଷେତ୍ରରେ ଆକାଂକ୍ଷୀ କାର୍ଯ୍ୟକ୍ରମରେ କେତେ ଅନୁଦାନ ଦିଆଯାଇଛି ବୋଲି ପଚରାଯିବାରୁ ଏନେଇ ଉତ୍ତର ରଖିନଥିଲେ ବୋଲି ସେ କହିଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅନେକ ସଫଳତା ମିଳିଛି ବୋଲି କୁହାଯିବା ପରେ ଏହି ଯୋଜନାରେ କାମ କରିଥିବା ଲୋକଙ୍କୁ ମଜୁରି ମିଳୁନାହିଁ ବୋଲି ସୂଚନା ଦେବା ପରେ ଏଦିଗରେ ସମୀକ୍ଷା କରିବେ ବୋଲି ମନ୍ତ୍ରୀ କହିଥିବା ବିଧାୟକ ମିଶ୍ର ସୂଚନା ଦେଇଥିଲେ।

### ତାରିଣୀ ପୀଠରେ ଷୋହଳ ପ୍ରହର ନାମଯଜ୍ଞ

ପଲମ/କର୍ଲାମୁଣ୍ଡା,୧୭।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ଯୋରାଡବରା ପଞ୍ଚାୟତସ୍ଥିତ ଯୋରାଡବରା ତାରିଣୀ ପୀଠରେ ପଣାସଂକ୍ରାନ୍ତି ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଆଜିକୁ ୧୫ବର୍ଷ ହେଲା ମା'ଙ୍କର ପୂଜାର୍ଚ୍ଚନା ବିଧି ମୁତାବକ କରାଯାଉଛି। ଚଳିତବର୍ଷ ଗ୍ରାମବାସୀ ତଥା ତାରିଣୀ ପୂଜା କମିଟିର ସଭ୍ୟମାନଙ୍କ ଉଦ୍ୟମରେ ଷୋହଳ ପ୍ରହର ନାମଯଜ୍ଞ ହୋଇଥିଲା । ୧୨ତାରିଖରେ କଳସଯାତ୍ରା, ୧୩ରେ ନାମାରମ୍ଭ ଏବଂ ୧୫ ତାରିଖରେ ପୂର୍ଣ୍ଣାହୁତି ହୋଇଯାଇଛି। ନାମଯଜ୍ଞରେ ୧୬ଟି ସଂକୀର୍ତ୍ତନ ଦଳ ନାମ ଗାନ କରିଥିଲେ । ଯଜ୍ଞ କର୍ତ୍ତା ଭାବେ ବିମଳ ସାହୁ ଓ ତାଙ୍କ ସ୍ତ୍ରୀ ବାସମତୀ ସାହୁ ରହି ପୂଜାର୍ଚ୍ଚନା କରିଥିଲେ। ସପ୍ତଋଷି ଭାବେ ଦୈତାରୀ ସାହୁ, ହୃଷି ଭୋଇ, ଯତି ମାଝୀ, ପୀତାମ୍ବର ରଣା, ଯଦୁ ସାହୁ, କ୍ଷୀରସିନ୍ଧୁ ସାହୁ, ପ୍ରଶ୍ନ ମାଝୀ ରହି ପ୍ରତ୍ୟହ ୩ ଘଣ୍ଟାରେ ଥରେ ପୂଜାର୍ଚ୍ଚନା କରିଥିଲେ। ପୂଜକ ଭାବେ ଅରୁଣ କୁମାର ଦାସ, ଜପକ ପ୍ରଦୀପ ଖଡଙ୍ଗା ଓ ପାଚକ ଭାବେ ଶୁକ୍ର ତ୍ରିପାଠୀ ରହିଥିଲେ। ତାରିଣୀ ପୀଠର ପୂଜାକର୍ତ୍ତା ଭାବେ ସାହେବ ସାହୁ ଓ ତାଙ୍କ ସ୍ତ୍ରୀ ଶକୁନ୍ତଳା ସାହୁ ରହି ପୂଜାର୍ଚ୍ଚନା କରୁଥିଲେ । ଯୋରାଡବରା ଗ୍ରାମର ବ୍ୟବସାୟୀ ବଦ୍ରିନାଥ ପାତ୍ର ପୂଜା କାର୍ଯ୍ୟ ସାଙ୍ଗକୁ ପ୍ରସାଦ ସେବନ ବ୍ୟବସ୍ଥା କରିଥିଲେ। ପୂଜା କମଟିର ସଭାପତି ଯୁଧିଷ୍ଠିର ସାହୁ, ସମ୍ପାଦକ ଗଣନାଥ ବେହେରା, ତାରିଣୀ ପୂଜା କମିଟିର ସଦସ୍ୟ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ ।

### ହନୁମାନ ଜୟନ୍ତୀ ପାଳିତ

ରୁପ୍ରାରୋଡ,୧୭।୪(ଡି.ଏନ.ଏ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡ ଗ୍ରାମରେ ହନୁମାନ ଜୟନ୍ତୀ ଗ୍ରାମବାସୀଙ୍କ ସହଯୋଗରେ ଧୁମଧାମରେ ପାଳିତ ହୋଇଯାଇଛି। ଶନିବାର ସକାଳେ ସ୍ଥାନୀୟ ହନୁମାନ ମନ୍ଦିରରେ ହୋମଯଜ୍ଞ କରାଯିବା ସହ ହନୁମାନ ଚାଳିଶା ପାଠ କରାଯାଇଥିଲା। ପୂଜକ ଭାବେ ବିଷ୍ଣୁ ଶର୍ମା ଏବଂ ପ୍ରଦୀପ ଅଗ୍ରୱାଲ ଓ ତାଙ୍କ ସ୍ତ୍ରୀ କ୍ରିଷ୍ଣା ଅଗ୍ରୱାଲ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ଅପରାହ୍ନରେ ହନୁମାନଙ୍କ ଫଟୋକୁ ଏକ ସୁସଜ୍ଜିତ ରଥରେ ବସାଇ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା।

### ରଜକ ସମାଜ ବୈଠକ

ଅତାବିରା,୧୭।୪(ଡି.ଏନ.ଏ.)

ଅତାବିରା ବ୍ଲକ ଅଧୀନ ପଡ୍ରାପାଲି ସମଲେଶରୀ ମନ୍ଦିରରେ ରବିବାର ରଜକ ସମାଜର ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ସମାଜର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତ କ୍ରମେ ସଭାପତି ଭାବେ ଗୋପାଳ ସେଠ, ଉପସଭାପତି ପାନଲାଲ ସେଠ, ସମ୍ପାଦକ ଉମେଶ କୁମାର ସେଠ, ସହ ସମ୍ପାଦକ ଶ୍ରବଣ କୁମାର ସେଠ, କୋଷାଧ୍ୟକ୍ଷ ହୃଦ ସେଠ, ସମୀକ୍ଷକ ବୈଶାଖୁ ସେଠ, ଉପଦେଷ୍ଟା ମଣ୍ଡଳୀରେ ଧନବୀର ସେଠ, ରାଜେନ୍ଦ୍ର ସେଠ, ଆବକ ସେଠ, ଅଚୁତାବଳ ସେଠ, ସୁରେନ୍ଦ୍ର ସେଠ ଓ ରାତ୍ର ସେଠ ପ୍ରମୁଖ ରହିଛନ୍ତି। ରଜକ ସମାଜର ସାମାଜିକ, ଅର୍ଥନୈତିକ, ରାଜନୈତିକ ଏବଂ ଶିକ୍ଷା ଦିଗ ଉପରେ ଆଲୋଚନା କରାଯାଇଥିଲା।

# ଦଳ ପ୍ରତି ଆନୁଗତ୍ୟର ଶପଥ ପାଠ କରାଇଲେ ମନ୍ତ୍ରୀ


ମନ୍ତ୍ରୀ ଟୁକୁନି ସାହୁ ଦଳୀୟ ନେତା ଓ କର୍ମୀଙ୍କୁ ଶପଥ ପାଠ କରାଉଛନ୍ତି।

ଟିଟିଲାଗଡ଼,୧୭।୪(ଡି.ଏନ.ଏ.)

### ନବ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା

ଟିଟିଲାଗଡ ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ରବିବାର ସ୍ଥାନୀୟ ଗୋବିନ୍ଦ ବାଟିକା ପରିସରରେ ଅନୁଷ୍ଠିତ ଏକ ସମାରୋହରେ ଦଳର ନବ ନିର୍ବାଚିତ ସଦସ୍ୟଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସଇଁତଳା, ଗୁଡଭେଲା, ଟୁଷୁରା ଏନଏସି ତଥା ଟିଟିଲାଗଡ ପୌର ପରିଷଦ ତଥା ବ୍ଲକର ନିର୍ବାଚିତ ଜିଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ, କାଉନସିଲରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଉପସ୍ଥିତ ନିର୍ବାଚିତ ସଦସ୍ୟ ତଥା ଦଳୀୟ କର୍ମକର୍ତ୍ତାଙ୍କୁ ଦଳ ପ୍ରତି ଆନୁଗତ୍ୟ ତଥା ସାଧାରଣ ଜନତାଙ୍କ ସେବା ପ୍ରତି ସମର୍ପିତ ହେବା ନେଇ ଶପଥ ପାଠ କରାଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଉପାଧ୍ୟକ୍ଷା ମିଥିଳା ମାଝୀ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ରୀତାରାଣୀ ହାତୀ, ଟିକି ପୋଢ, ହିମାଞ୍ଚଳ ବୁଡେକ, ଶ୍ରୀନିବାସ ଅଗ୍ରୱାଲ, ପ୍ରଦୀପ ପଣ୍ଡା, ସଞ୍ଜୟ ବେହେରା, ଟୁଷୁରା ଏନଏସି ଅଧ୍ୟକ୍ଷ ଅଜୟ ଜୟସ୍ୱାଲ, ଉପାଧ୍ୟକ୍ଷା ମାମି ଦାଶ, ଟିଟିଲାଗଡ ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାୟକ, ଉପାଧ୍ୟକ୍ଷ ଜଗତରାମ ରଣା, ପୌର ପରିଷଦ ଉପାଧ୍ୟକ୍ଷା ପୁଷ୍ପାମଞ୍ଜରି ଜାଲ, ବ୍ଲକ ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ସମ୍ପାଦକ ନରେଶ ଅଗ୍ରୱାଲଙ୍କ ସମେତ ଦଳର ନିର୍ବାଚିତ ସମସ୍ତ ସରପଞ୍ଚ, ସମିତି ସଭ୍ୟ, କାଉନସିଲରଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଦଳର ଜିଲା ସାଧାରଣ ସମ୍ପାଦକ ରଣଜିତ ପୃଷ୍ଟି ଏବଂ ରାଜେଶ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ବରିଷ୍ଠ ନେତା ପ୍ରେମ ଜୈନ, ଶ୍ୟାମାପ୍ରସାଦ ଗରିଆ, ସୁକାନ୍ତି ପାଢୀ, ରଞ୍ଜୁ ରାଏମନ, ଦିଲୀପ ବାଗ, ରୁଟୁ ବାଗ, ଅଞ୍ଜନା ବର୍ମା, ଜିଲା ମିଡିଆ ପ୍ରଭାରୀ ମୈତ୍ରୀ ସାହୁ, ବ୍ଲକ ବିଜେଡି ସଭାପତି ପଦ୍ମଲୋଚନ ପୋଢ, ଯାଜ୍ଞସେନୀ ରାଜପାଲିଆ ପ୍ରମୁଖ ମଞ୍ଚାସୀନ ଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷା ରମାକାନ୍ତି ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଫାଇନାନ୍ସ କମ୍ପାନୀ ବିଏମ୍, କ୍ୟାଶିୟର ଗିରଫ

ସଇଁତଳା,୧୭।୪(ଡି.ଏନ.ଏ.)

### ମହିଳା ଗୋଷ୍ଠୀଙ୍କୁ ଋଣଦେବା ନାଁରେ ୨୧ଲକ୍ଷ ହଡ଼ପ ମାମଲା

ବଲାଙ୍ଗୀର ଜିଲା ସଇଁତଳା ନବୀନ ଛକଠାରେ ଥିବା ଭାରତ ଫାଇନାନ୍ସ ଲିମିଟେଡ଼ ଶାଖାରୁ ମହିଳା ଗୋଷ୍ଠୀଙ୍କୁ ଋଣ ଦେବା ନାମରେ ୨୧ ଲକ୍ଷ ୧୪ ହଜାର ୮ଶହ ଟଙ୍କା ଆତ୍ମସାତ ଅଭିଯୋଗ ହୋଇଥିଲା। କମ୍ପାନୀର ୟୁନିଟ ମ୍ୟାନେଜର ଧର୍ମେନ୍ଦ୍ର ବେହେରାଙ୍କ ଅଭିଯୋଗକ୍ରମେ ସଇଁତଳା ପୋଲିସ ତଦନ୍ତ କରି କମ୍ପାନୀର ବ୍ରାଞ୍ଚ ମ୍ୟାନେଜର(ବିଏମ୍) ନିତେଶ ନାଗ ଓ କ୍ୟାଶିଅର ନରହରି ଥନାପତିଙ୍କୁ ଗିରଫ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଟିଟିଲାଗଡ଼ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଅଭିଯୋଗମତେ ଗତ ମାର୍ଚ୍ଚ ୧୩ ତାରିଖରେ ଶାଖାର ବିଏମ ନାଗ ସନ୍ଧ୍ୟା ୮ଟାରେ ମେଡ଼ିକାଲ କାର୍ଯ୍ୟ ଦର୍ଶାଇ ଛୁଟି ନେଇଥିଲେ। ଛୁଟି ନେବାପରେ ଆଉ ଅଫିସକୁ ଆସି ନ ଥିଲେ। ୟୁନିଟ ମ୍ୟାନେଜର ବେହେରା ଖବର ପାଇ ନାଗଙ୍କୁ ମୋବାଇଲ ଯୋଗେ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କ ଫୋନ ସୁଇଚ ଅଫ ବତାଇଥିଲା। ପରେ ବେହେରା ଭବାନୀପାଟଣାସ୍ଥିତ ରିଜିଓନାଲ କାର୍ଯ୍ୟାଳୟକୁ ଖବର ଦେଇଥିଲେ। ରିଜିଓନାଲ ଅଫିସରୁ ଏକ ଟିମ ଆସି ତଦନ୍ତ କରିବାରୁ ଲକରରୁ ୨ ଲକ୍ଷ ୪୦ ହଜାର ୮୮୩ ଟଙ୍କା ଗାଏବ ଥିବା ଜାଣିବାକୁ ପାଇଥିଲେ। ପରେ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟକୁ ଘଟଣା ବିଷୟରେ ଜଣାଇବାରୁ ଏକ ଅଡ଼ିଟ ଟିମ ଆସି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ସମୟରେ ୮୦ଟି ମହିଳା ଗୋଷ୍ଠୀର ସଦସ୍ୟଙ୍କୁ ଋଣଦେବା ନାମରେ ୧୮ଲକ୍ଷ ୭୩ହଜାର ୯୨୪ଟଙ୍କା ନାଗ ନିଜ ଆକାଉଣ୍ଟରେ ଜମା କରି ଆତ୍ମସାତ କରିଥିବା ଜଣାପଡିଥିଲା।

## ବିଜୁବାବୁଙ୍କ ଶ୍ରାଦ୍ଧବାର୍ଷିକୀରେ ରକ୍ତଦାନ ଶିବିର

ପାଟଣାଗଡ, ୧୭।୪(ଡି.ଏନ.ଏ)

ପାଟଣାଗଡ ବିଜୁଜନତା ଦଳ କାର୍ଯ୍ୟାଳୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୫ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଓଡିଶା ମୋ ପରିବାର ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସରୋଜ କୁମାର ମେହେର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୫୩ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ପାଟଣାଗଡ ଏନ୍‌ଏସି ଅଧ୍ୟକ୍ଷା ମାନସୀ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷ ନୀଳକାନ୍ତ ବାଗ, ଜିଲା ପରିଷଦ ସଭ୍ୟ, ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗ ଦେଇଥିଲେ।

# ତୋରଣ ପ୍ରତିଷ୍ଠା ସମାରୋହ


କପିଳେଶ୍ୱର ମନ୍ଦିର ସମ୍ମୁଖରେ ନିର୍ମିତ ଭବ୍ୟ ତୋରଣ ।

ବରପାଲି,୧୭।୪(ଡି.ଏନ.ଏ)

ବରଗଡ଼ ଜିଲା ବରପାଲି କପିଳେଶ୍ୱର ନଗରସ୍ଥିତ କପିଳେଶ୍ୱର ମନ୍ଦିର ସମ୍ମୁଖରେ ନିର୍ମିତ ଭବ୍ୟ ତୋରଣର ଦୁଇଦିନିଆ ପ୍ରତିଷ୍ଠା ସମାରୋହ ରବିବାର ଆରମ୍ଭ ହୋଇଛି। ଏହି ଅବସରରେ ପୂଜାର୍ଚ୍ଚନା ପରେ ହୋମଯଜ୍ଞ ହୋଇଥିଲା। ପରେ ତୋରଣକୁ ଗଙ୍ଗାଜଳ, ପଞ୍ଚାମୃତ ଆଦିରେ ଶୁଦ୍ଧି କରାଯାଇଥିଲା। ମୁଖ୍ୟ ପୂଜକ ପଣ୍ଡିତ ହେମନ୍ତ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ଆନନ୍ଦ ବାବୁ, ସମ୍ପାଦକ ଜୟନ୍ତ ତ୍ରିପାଠୀ, ପୀନାକୀ ଦାଶଙ୍କ ସମେତ ଯାତ୍ରା କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ ।

### ରାମ ମନ୍ଦିର ରତ୍ନମୁଦ ଉତ୍ସବ ସମ୍ପନ୍ନ

ପଦ୍ମପୁର ୧୭।୪(ଡି.ଏନ.ଏ)

ବରଗଡ଼ ଜିଲା ରାଜବୋଡାସମ୍ବରର ସ୍ୱଧର୍ମ ଚେତନା ଆଶ୍ରମ ପରିସରରେ ଏକ ଭବ୍ୟ ରାମ ମନ୍ଦିର ନିର୍ମାଣାଧୀନ ରହିଛି। ତିନି ଦିନ ଧରି ଚାଲିଥିବା ପାରମ୍ପରିକ ପୂଜାର୍ଚ୍ଚନା, ହୋମଯଜ୍ଞ ସହ ମନ୍ଦିରର ରତ୍ନମୁଦ ଉତ୍ସବ ରବିବାର ସମ୍ପନ୍ନ ହୋଇଛି। ଏହିଅବସରରେ ଅଧ୍ୟାପକ ସୁଶାନ୍ତ ମିଶ୍ରଙ୍କ ସଂଯୋଜନାରେ ବ୍ୟଙ୍ଗ କବି ସମ୍ମିଳନୀ ହୋଇଥିଲା। ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଲୋକ କବିରତ୍ନ ପଦ୍ମଶ୍ରୀ ହଳଧର ନାଗ, ଅଧିକାରୀ ସା, ମୁନୀରାମ କୁମ୍ଭାର, ହରିଲାଲ ସାହୁ ବ୍ୟଙ୍ଗ ମାଧ୍ୟମରେ ସମାଜ ସଂସ୍କାର ପାଇଁ ସଚେତନ ବାର୍ତ୍ତା ଦେଇଥିଲେ। ସେହିପରି ଷୋହଳ ପ୍ରହର ନାମ ସଂକୀର୍ତ୍ତନରେ ସୁରେନ୍ଦ୍ର କୁମାର ସିଂ ବରିହା ସପତ୍ନୀକ ମୁଖ୍ୟ କର୍ତ୍ତା ଥିଲେ। ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ରାମଲାଲ ପଟେଲ, ବାଳକୃଷ୍ଣ ନାଏକ, କୀର୍ତ୍ତନ ସୋନୀ ପ୍ରମୁଖ ୧୧ ଦମ୍ପତି ପୂଜା କର୍ତ୍ତା ଥିଲେ। ଜଗଦଲପୁର ଥାନାଧିକାରୀ ସୁଷମା କୁଅଁର ଓ ସହକର୍ମୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ବୌଦ୍ଧରେ ପ୍ରଚଣ୍ଡ ଖରା, ଜନଜୀବନ ଅସ୍ତବ୍ୟସ୍ତ

ବୌଦ୍ଧ,୧୭।୪(ସ୍ୱପ୍ର)

ବୌଦ୍ଧ ଜିଲାରେ କିଛି ଦିନ ହେବ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଜିଲାର ତାପମାତ୍ରା ୪୨ ଡିଗ୍ରୀ ଉପରେ ରହୁଛି। ଟାଣ ଖରା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ପୂର୍ବାହ୍ନ ୧୦ ଟାରୁ ରାସ୍ତାଘାଟ ଶୁନ୍‌ଶାନ ହୋଇ ପଡୁଥିବା ବେଳେ ଘରୁ ବାହାରିବା କଷ୍ଟକର ହୋଇପଡିଛି। ବିଶେଷ କରି ସହରରେ ଅଧିକ ଗରମ ଅନୁଭୂତ ହେଉଛି। ଖରା ସାଙ୍ଗକୁ ତତଲା ଝାଞ୍ଜି ପବନ ବହୁଛି। ବୌଦ୍ଧ ସହର ଦେଇ ଚିରସ୍ରୋତା ମହାନଦୀ ପ୍ରବାହିତ ହୋଇଥିବା ବେଳେ ଏବେ ନଦୀ ଶୁଖିଲା ପଡିଛି। ନଦୀ ଶୁଖିଲା ପଡିବା ଯୋଗୁ ନଦୀର ବାଲି ଓ ନଦୀ ଭିତରେ ଥିବା ପଥର ଖରାର ତାପ ଯୋଗୁ ତାପମାତ୍ରା ବୃଦ୍ଧି ହେବାରେ ଲାଗିଛି। ବୌଦ୍ଧ ସହର ବର୍ତ୍ତମାନ ବୃକ୍ଷଶୂନ୍ୟ ହୋଇପଡିଛି। ସହରର ପ୍ରମୁଖ ରାସ୍ତାଗୁଡିକ ପ୍ରଶସ୍ତୀକରଣ କରାଯିବା ଯୋଗୁ ରାସ୍ତା କଡରେ ଥିବା ବଡ ବଡ ଗଛଗୁଡିକ କାଟି ଦିଆଯାଇଥିଲା। ଏହା


ଖରା ଯୋଗୁ ବୌଦ୍ଧ ସହରର ରାସ୍ତା ଶୁନଶାନ ହୋଇପଡିଛି ।

### ରାସ୍ତାଘାଟ ଶୁନ୍‌ସାନ୍

ଖରାର ଉତ୍ତାପ ବୃଦ୍ଧିର ଅନ୍ୟତମ କାରଣ ପାଲଟିଛି। ରାସ୍ତା କଡରେ ବୃକ୍ଷ ନ ଥିବା ଯୋଗୁ ପଥଚାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ ମହାନଦୀ ଶୁଖିଲା ପଡିବା ଯୋଗୁ ସହରବାସୀ ଜଳକଷ୍ଟ ଭୋଗୁଛନ୍ତି। ପ୍ରଶାସନ ପକ୍ଷରୁ ମହାନଦୀରେ ଖରାଦିନେ ଯେପରି ପାଣି ଭରପୁର ରହିପାରିବ ସେ ଦିଗରେ ପଦକ୍ଷେପ ନେବା ସହ ସହରର ରାସ୍ତା କଡରେ ଲିମ୍ବ, ଜାମୁ , ବର ଓ ପିପଳ ଗଛ ଲଗାଯିବାକୁ ଦାବି ହେଉଛି।

**ବଜ୍ରପାତରେ ଜଣେ ଗୁରୁତର**

କେସିଙ୍ଗା,(ଡି.ଏନ୍.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପରଲସିଙ୍ଗା ଗ୍ରାମ ପଞ୍ଚାୟତର ବାହାଦୂର ପଦର ଗ୍ରାମର ସୁଗ୍ରୀ ଶିଖା (୫୫) ନାମକ ଜଣେ ବ୍ୟକ୍ତି ବଜ୍ରପାତରେ ଗୁରୁତର ହୋଇଛନ୍ତି। କୌଣସି କାମରେ ପରଲସିଙ୍ଗା ଗ୍ରାମକୁ ଯାଇ ରବିବାର ଅପରାହ୍ନ ୪ଟାରେ ସେ ଏକ ସାଇକେଲରେ ଘରକୁ ଫେରୁଥିବା ସମୟରେ ବଜ୍ରପାତରେ ଗୁରୁତର ହୋଇଥିଲେ। ଉକ୍ତ ଗ୍ରାମର ଲୋକେ ଖବର ପାଇ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରାଥମିକ ଚିକିତ୍ସା ପାଇଁ ଡାକ୍ତରଖାନା ନେଇଥିଲେ।

## ସଂକ୍ଷେପରେ

### ପାଣିମୁଣ୍ଡାରେ ବୈଠକୀ ସଂକୀର୍ତ୍ତନ ସଙ୍ଗମ

**ଲାଞ୍ଜିଗଡ,୧୭।୪(ଡି.ଏନ.ଏ):** ସଂସ୍କାର ଭାରତୀ କଳାହାଣ୍ଡି ଜିଲାର ମାର୍ଗଦର୍ଶନରେ ଲାଞ୍ଜିଗଡ ବ୍ଲକ ପାଣିମୁଣ୍ଡାଠାରେ ଏକ ବୈଠକୀ ସଂକୀର୍ତ୍ତନ ସଙ୍ଗମ ଆୟୋଜିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକରୁ ତେର ଗୋଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରି ପୁରତନୀ ସଂଗୀତର ସଂକୀର୍ତ୍ତନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମର ଉଦଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବରେ ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝୀ, ବିଶିଷ୍ଟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ସଂସ୍କାର ଭାରତୀ ପଶ୍ଚିମ ପ୍ରାନ୍ତ ସଭାପତି ପ୍ରଭାସ ଚନ୍ଦ୍ର ମିଶ୍ର, କୋଷାଧକ୍ଷ ଉମେଶ ଚନ୍ଦ୍ର ପଣ୍ଡା, ଲୋକକଳା ସଂଯୋଜକ ହରେକୃଷ୍ଣ ଭୋଇ, ସମ୍ପାଦକ ଦିଲୀପ କୁମାର ସା, ଜିଲା ଉପସଭାପତି କ୍ଷୀରୋଦଚନ୍ଦ୍ର ପାତ୍ର ଓ ସଦସ୍ୟ ପ୍ରସନ୍ନ ଗୌଡିଆ ଉପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ପଞ୍ଚାୟତ ସମିତି ଅଧକ୍ଷା କମଳା ପାତ୍ର ଓ ଉପାଧକ୍ଷ ସଂଜୀବ କୁମାର ନାୟକ ଯୋଗଦାନ କରିଥିଲେ। ସାମ୍ପ୍ରତିକ ସମୟରେ କଳା ଓ ସଙ୍ଗୀତ ଅବକ୍ଷୟମୁଖୀ ହେଉଥିବା ବେଳେ ଏଭଳି ଆୟୋଜନ ପାଇଁ ସଂସ୍କାର ଭାରତୀ ଓ ପାଣିମୁଣ୍ଡା ଗ୍ରାମକୁ ଅତିଥିମାନେ ପ୍ରଶଂସା କରିଥିଲେ। ସଂସ୍କାର ଭାରତୀ କଳାହାଣ୍ଡି ଜିଲା ସାଧାରଣ ସମ୍ପାଦକ ପ୍ରମୋଦ କୁମାର ପରିଡା ସ୍ୱାଗତ ଅଭିଭାଷଣ ଦେଇଥିଲେ। ମଧୁସୂଦନ ରାଉତ ଓ ତପନ କୁମାର ଭୋଇ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଶିଷ୍ଟ ସଙ୍ଗୀତଜ୍ଞ ସନ୍ତୋଷ କୁମାର ଦାଶଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା।

### ବିଜେଡି ପକ୍ଷରୁ ଫଳ ବଣ୍ଟନ

**କେସିଙ୍ଗା,୧୭।୪(ଡି.ଏନ୍.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବିଜେଡି ପକ୍ଷରୁ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରବିବାର ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ବସଷ୍ଟାଣ୍ଡ ନିକଟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଦଳ ପକ୍ଷରୁ ପୁଷ୍ପମାଲ୍ୟାର୍ପଣ କରିଥିଲେ। ପରେ ଏକ ସଭାର ଆୟୋଜନ କରିଥିଲେ। ଏଥିରେ ମେଡ଼ିକାଲ ଅଫିସର ସୁବାଷ ଚନ୍ଦ୍ର ବେହେରା, ୧୨ନମ୍ବର ୱାର୍ଡର କାଉନସିଲର ହେମ ସୁନା, ଯୁବନେତା ଶିଲୁ ପରିଡା, କୃଷ୍ଣଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଶିକ୍ଷକ ବୈଷ୍ଣବ ଚରଣ ସାହା, ଶୁକ୍ରୁ କଟା, ଜଗମୋହନ ସାହୁ ପ୍ରମୁଖ ଯୋଗଦାନ କରିଥିଲେ।

### ଦେଶୀ ବନ୍ଧୁକ ସହ ବାର୍‌ହା ମାଂସ ଜବତ, ଶିକାରୀ ଗିରଫ

**ନାକଟିଦେଉଳ,୧୭।୪(ଡ଼ି.ଏନ.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ରେଞ୍ଜ ପକ୍ଷରୁ ଶନିବାର କଞ୍ଚନପୁର ଛକରେ ଚଢାଉ କରାଯାଇ ବାଇକ୍‌ରେ ଚାଲାଣ ହେଉଥିବା ୨କେଜି ବାରହା ମାଂସ ଜବତ କରାଯାଇଛି । ଏଥିସହିତ ଜନ୍ତୁ ଶିକାର ପାଇଁ ବ୍ୟବହୃତ ଗୋଟିଏ ଦେଶୀ ବନ୍ଧୁକ ଓ ବାଇକ୍ ଜବତ ସହ ସଂପୃକ୍ତ ଶିକାରୀଙ୍କୁ ଗିରଫ କରାଯାଇଛି । ଗିରଫ ଶିକାରୀ କିସିଣ୍ଡା ଥାନା ଅନ୍ତର୍ଗତ ନୂତନ କଞ୍ଚନପୁର ଗ୍ରାମର ଅନୀଲ ମିଲୱାର (୩୧) ବୋଲି ଜଣାପଡ଼ିଛି । ସକାଳେ ଏକ ବାଇକ୍‌ରେ ବାରହା ମାଂସ ଚାଲାଣ ହେଉଥିବା ସଂପର୍କରେ କୌଣସି ସୂତ୍ରରୁ ଖବର ପାଇ କିସିଣ୍ଡା ବନ୍ୟପ୍ରାଣୀ ରେଞ୍ଜର ଫରେଷ୍ଟର ଅନୁରାଧା ଖର୍ସେଲ,ଫରେଷ୍ଟ ଗାର୍ଡ଼ ଝରଣା ପ୍ରଧାନ,ଲିଲି ବିଶି ଏବଂ ପଦ୍ମଲୋଚନ ବଡ଼ଗୋଛିଆ ପ୍ରମୁଖ ଚଢାଉ କରିଥିଲେ । ଚଢାଉ ବେଳେ ଅନୀଲଙ୍କ ବାଇକ ଡ଼ିକିରୁ ୨କେଜି ବାରହା ମାଂସ ଜବତ ହୋଇଥିଲା ।

# ନଦୀ ପୋଲରେ ଫାଟ: ଦୁର୍ଘଟଣା ଆଶଙ୍କା

**କୋକସରା, ୧୭।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥ ଭବାନୀପାଟଣାରୁ ଜୟପୁରକୁ ସଂଯୋଗ କରୁଥିବା ରାସ୍ତାର କୋକସରା ବ୍ଲକ ରେଙ୍ଗାଲପାଲି ଛକ ନିକଟରେ ରହିଥିବା ମୁଣ୍ଡରା ନଦୀ ପୋଲ(ବ୍ରିଜ)ର ଜଏଣ୍ଟରେ ଅନେକ ମାସ ହେବ ଫାଟ ହୋଇ ରଡ଼ ସବୁ ବାହାରକୁ ଦେଖାଯାଉଛି। ଏହି ବ୍ରିଜ ଫାଟ ଦୁର୍ବଳ ହେବା ସହ ସିମେଣ୍ଟ ଖଣ୍ଡ ଗୁଡିକ ଛାଡି ଗଲାଣି। ଏହି ଜାତୀୟ ରାଜପଥ ଏକ ପ୍ରମୁଖ ରାସ୍ତା ହୋଇଥିବା ଯୋଗୁ ଦିନରାତି ରାସ୍ତାରେ ଶହଶହ ସଂଖ୍ୟାରେ ଯାତ୍ରୀବାହୀ ବସ, ଭାରିଯାନ ସହ ଅନ୍ୟ ଗାଡିମୋଟର ଯା'ଆସ କରୁଛି। ଅନେକ ସମୟରେ ଦୁର୍ଘଟଣା ହେଉଥିବା ମଧ ଦେଖିବାକୁ ମିଳୁଛି। ବ୍ରିଜର ଫାଟ ବିପଦସଙ୍କୁଳ ରହିଥିବା ନେଇ ପ୍ରତି ୨/୩ ମାସ ଅନ୍ତରାଳରେ ବିଭିନ୍ନ ଗଣମାଧମରେ ଖବର ପ୍ରକାଶିତ ମଧ ପାଉଛି। ଖବର ପରେ ନାମକୁ ବିଭାଗୀୟ କର୍ମଚାରୀ ସିମେଣ୍ଟ ମିଶା ଗୁଣ୍ଡ ଆଣି ମରାମତି କରନ୍ତି। ଅଳ୍ପ ଦିନ ପରେ ପୁଣି ସେହି ଅବସ୍ଥା ଦେଖିବାକୁ ମିଳୁଛି। ବର୍ତ୍ତମାନ ପୋଲର ବିଭିନ୍ନ ଜଏଣ୍ଟ ଛାଡି ଲୁହା ରଡ଼ ସବୁ ବାହାରି ପଡିଥିବାବେଳେ କେତେବେଳେ ଯେ, ବଡଧରଣର ଦୁର୍ଘଟଣା ହେବ ତାହାକୁ ଏଡାଇ ଦିଆଯାଇପାରିବ ନାହିଁ। ଦୁର୍ଘଟଣା ପରେ କଣ ଜାତୀୟ ରାଜପଥ ଅଧିକାରୀଙ୍କ ନିଦ ଭାଙ୍ଗିବ କି ବୋଲି ସାଧାରଣ ଲୋକ ଅଭିଯୋଗ କରୁଛନ୍ତି। ଏ ନେଇ କେସିଙ୍ଗା ଜାତୀୟ ରାଜପଥ ବିଭାଗର ସହକାରୀ ଯନ୍ତ୍ରୀ ଏସ. ଆର୍ ମଲ୍ଲିକଙ୍କ ପ୍ରତିକ୍ରିୟା ନେବାରୁ କହିଥିଲେ, ନିଜେ ଯାଇ ସ୍ଥିତି ଅନୁଧ୍ୟାନ କରିଛି ଓ ଏନେଇ ବିଭାଗ ମରାମତି ପାଇଁ ଆଲଟମେଣ୍ଟ ପାଇଁ ପଠାଯାଇଛି । ଆସନ୍ତା ୩/୪ ଦିନ ମଧ୍ୟରେ ମରାମତି ହୋଇଯିବ ବୋଲି ପ୍ରତିକ୍ରିୟା ଦେଇଛନ୍ତି।


ମୁଣ୍ଡରା ନଦୀ ବ୍ରିଜର ଜଏଣ୍ଟରେ ଫାଟ ହୋଇଛି।

# ଉତ୍କଳରତ୍ନ ସମ୍ମାନରେ ସମ୍ମାନିତ ପ୍ରମୋଦ କୁମାର ପାତ୍ର


ଇଂ.ପ୍ରମୋଦ କୁମାର ପାତ୍ରଙ୍କୁ ଉତ୍କଳରତ୍ନ ସମ୍ମାନରେ ସମ୍ମାନିତ କରାଯାଉଛି।

**ଟେନ୍‌ସା,୧୭।୪(ଡି.ଏନ୍.ଏ.)**

ରାଉରକେଲାର ସାମାଜିକ ଅନୁଷ୍ଠାନ ହାପି ମୋମେଣ୍ଟସ ଇଣ୍ଡିଆ ପକ୍ଷରୁ ସହର ତଥା ରାଜ୍ୟର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସେମାନଙ୍କ ପ୍ରତିଭା ପାଇଁ ପ୍ରୋତ୍ସାହିତ କରିବା ନିମନ୍ତେ 'ଉତ୍କଳ ରତ୍ନ ପ୍ରତିଭା ସମାରୋହ' ଗତ ୧୦ତାରିଖ ସେକ୍ଟର ୨ସ୍ଥିତ ସେହେନାଇ ମଣ୍ଡପଠାରେ ଆୟୋଜିତ ହୋଇଥିଲା। ସମାଜସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଟେନ୍‌ସା ଜିନ୍ଦଲ ଖଣିର ଉପସଭାପତି ଇଂ.ପ୍ରମୋଦ କୁମାର ପାତ୍ରଙ୍କୁ ଉତ୍କଳରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ଏଣୁ ଜିନ୍ଦଲ ପରିବାର ତରଫରୁ ପାତ୍ରଙ୍କୁ ଶୁଭେଚ୍ଛା, ଅଭିନନ୍ଦନ ଜ୍ଞାପନ କରାଯାଇଛି। ଗତ ଉତ୍କଳ ଦିବସରେ ଜିନ୍ଦଲ ପକ୍ଷରୁ ଆୟୋଜିତ ହୋଇଥିବା ଓଡ଼ିଆ ଘର ପରମ୍ପରାକୁ ନେଇ ଜିନ୍ଦଲ ଶ୍ରମିକମାନଙ୍କ ମଧ୍ୟରେ ଯେଉଁ ନାଚ, ଗୀତ, ଅଭିନୟ ମାଧ୍ୟମରେ ଓଡ଼ିଆ ସଂସ୍କୃତିକୁ ମନେ ପକାଇଛନ୍ତି ତାହା ଖୁବ ପ୍ରଶଂସନୀୟ। ପାତ୍ର ସମାଜକୁ ନେଇ ବଞ୍ଚିବା ସମାଜର ପରମ୍ପରାକୁ ବଞ୍ଚାଇ ରଖିବାକୁ ସବୁବେଳେ ପ୍ରୟାସ ଜାରିରଖିଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରମୋଦ କୁମାର ପାତ୍ରଙ୍କୁ ଉତ୍କଳ ରତ୍ନ ସମ୍ମାନରେ ସମ୍ମାନିତ କରିଥିଲେ।

# ନୃତ୍ୟଗୀତ ମନମୋହିଲା


ସାହରୁଲ ପର୍ବ ଅବସରରେ ଚାଲିଛି ନାଚ ଗୀତ।

## ତେଲିଘଣାରେ ସାହରୁଲ ପର୍ବ ପାଳିତ

**କୁତ୍ରା, ୧୭।୪ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ତେଲିଘଣା ଆମ୍ବ ବଗିଚାଠାରେ ଶନିବାର ଆଦିବାସୀ ସମାଜ ତଥା ଓରାମ ସମ୍ପ୍ରଦାୟର ପ୍ରସିଦ୍ଧ ଗଣପର୍ବ ସାହରୁଲ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଟି ମା'କୁ ପୂଜା କରାଯାଇ ପ୍ରାର୍ଥନା ସହ ସମସ୍ତଙ୍କର ସୁଖ ସମୃଦ୍ଧି କାମନା କରାଯାଇଛି। ଏହି ଅବସରରେ ବିଭିନ୍ନ ନାଚ ଗୀତ ହୋଇଥିଲା।

ବିଭିନ୍ନ ପ୍ରକାର ନୃତ୍ୟଗୀତ ଲୋକଙ୍କ ମନମୋହିଥିଲା। ତେଲିଘଣା ଆମ୍ବ ବଗିଚାଠାରେ ଅବସ୍ଥିତ କମ୍ୟୁନିଟି ସେଣ୍ଟରର ରିନୋଭେସନ କାମକୁ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ, ଜେଏସ୍‌ଡବ୍ଲ୍ୟୁ କାରଖାନା ମୁଖ୍ୟ ଅନିଲ ମିଶ୍ର,ଗାନ୍ଧରୁ ବାର୍ଲାଙ୍କ ସମେତ ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡ଼ା, ରାମ କୁଜୁର, ବସନ୍ତ ଟପ୍ପୋ, ବିକ୍ରମ ମିଞ୍ଜ ପ୍ରମୁଖ ଉପସ୍ଥିତ ହୋଇ ଏହାର ଉଦ୍‌ଘାଟନ କରିଥିଲେ। ପରେ ଏମ୍‌ପି ଜୁଏଲ ଓରାମ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଧନିଆ ଧାନୁୱାର, ବିକ୍ରମ ଖାଲଖୋ, ମଧୁସୂଦନ ବାର୍ଲା, ଦାମିଆ ଖାଲଖୋ, ବିରୁଆ କୁଜୁର, ଦୁଲୁ ତିର୍କୀ, ପ୍ରେମଚାନ୍ଦ ବାର୍ଲା, କୁମାରୀ ମୀନା ମିଞ୍ଜ, ମହେନ୍ଦ୍ର କୁଜୁର, ନିର୍ମଳ ମିଞ୍ଜ, କୁଶାଲ ବାର୍ଲା ପ୍ରମୁଖ ସହଯୋଗ କରିଥିଲେ।

## ଓଲଟିଲା ବୋଲେରୋ: ୧୦ ଆହତ

**ନୂଆପଡ଼ା ଅଫିସ୍,୧୭।୪**

ନୂଆପଡା ଜିଲା ସିନାପାଲି ଥାନା ହାତିବନ୍ଧା ଗାଁ ନିକଟ କେନ୍ଦୁପତ୍ର ଗୋଦାମ ନିକଟରେ ବିଜୁ ଏକ୍ସପ୍ରେସ ୱେରେ ଏକ ବୋଲେରୋ ଦୁର୍ଘଟଣା ହୋଇ ଓଲଟି ପଡିଛି। ଏଥିରେ ୧୦ ଜଣ ଗୁରୁତର ହୋଇଛନ୍ତି। କଳାହାଣ୍ଡି ଜିଲା ଧର୍ମଗଡ ଥାନା ଚିଚିଆ ଗାଁରୁ ଓଡି ୦୮ଡି ୧୪୪୧ ନଂ. ବୋଲେରୋରେ ନୂଆପଡ଼ା ଜିଲା ସିନାପାଲି ଗାଁକୁ ଏକ ବିବାହ କାର୍ଯ୍ୟରେ ଝିଅର ଯୌତୁକ ଜିନିଷ ଛାଡି ଆସୁଥିଲେ । ହାତିବନ୍ଧା ଗାଁ କେନ୍ଦୁପତ୍ର ଗୋଦାମ ନିକଟରେ ବିଜୁ ଏକ୍ସପ୍ରେସ ୱେରେ ଏକ ବାଇକକୁ ସାଇଡ ଦେବା ସମୟରେ ବୋଲେରୋ ଭାରସାମ୍ୟ ହରାଇ ପ୍ରାୟ ୧୦ ଫୁଟ ତଳକୁ ଓଲଟି ପଡିଥିଲା । ସ୍ଥାନୀୟ ଲୋକେ ଖବର ପାଇ ସିନାପାଲି ପୋଲିସକୁ ଖବର ଦେବାରୁ ଘଟଣାସ୍ଥଳକୁ ପହଞ୍ଚି ଅଗ୍ନିଶମ ବିଭାଗ ସହାୟତାରେ ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବୋଲେରୋରେ ୪ ମହିଳା, ୪ଶିଶୁ ସମେତ ୧୦ ଜଣ ରହିଥିଲେ ।

## ହନୁମାନ ଜୟନ୍ତୀରେ ଶୋଭାଯାତ୍ରା

**ଖଡ଼ିଆଳ ୧୭।୪ (ଡି.ଏନ.ଏ.)**

ନୂଆପଡ଼ା ଜିଲାର ପ୍ରମୁଖ ସହର ଖଡ଼ିଆଳଠାରେ ହନୁମାନଙ୍କ ଜନ୍ମୋତ୍ସବ ଶନିବାର ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଜୟ ମାତା ଦୀ ଗ୍ରୁପ ପକ୍ଷରୁ ସହରର ପୁରୁଣା ବସଷ୍ଟାଣ୍ଡ ନିକଟରେ ପାଳନ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଘୁମୁରା ନୃତ୍ୟ, ଘଣ୍ଟବାଦ୍ୟ ସହ ଧୁମାଲ ଗ୍ରୁପ ପକ୍ଷରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଏଥିସହ ଆତସବାଜୀରେ ଝଲସି ଉଠିଥିଲା। ହନୁମାନ ଜୟନ୍ତୀକୁ ଆକର୍ଷଣୀୟ କରିବା ପାଇଁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ଜୟମାତା ଦୀ ଗ୍ରୁପର ସଭାପତି ପପୁ ଯାଦବ, ସମ୍ପାଦକ ନିତେଶ ତ୍ରିବେଦୀ, ଅନିଲ ନାଏଖୋର୍, ପ୍ରବୀଣ ତ୍ରିବେଦୀ, କମଳ ବର୍ମା ଏବଂ ତୁଲେଶର ସାହୁଙ୍କ ସମେତ କର୍ମକର୍ତ୍ତା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି ଖଡିଆଳ ରାଜଦରବାର ହଲ ନିକଟରେ ଥିବା ହନୁମାନ ମନ୍ଦିରରେ ହନୁମାନଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ମନ୍ଦିରରେ ରୀତିନୀତି ଅନୁସାରେ ହନୁମାନଙ୍କ ପୂଜା ହୋଇଥିଲା। ମନ୍ଦିର ନିକଟରେ ହନୁମାନ ଭକ୍ତ ମଣ୍ଡଳୀ ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଖଡ଼ିଆଳ ସହରରେ ପୃଥକ ପୃଥକ ଦୁଇଗୋଟି ସମାରୋହ ଅନୁଷ୍ଠିତ ହୋଇଥିବାରୁ ଜୟ ଶ୍ରୀରାମ ଏବଂ ଜୟ ହନୁମାନ ଧ୍ୱନରେ ସହରରେ ଏକ ପ୍ରକାର ଆଧାତ୍ମିକ ପରିବେଶ ଦେଖାଦେଇଥିଲା

# ନାଳ ଉପରେ ବ୍ରିଜ ନିର୍ମାଣ ଲାଗି ଦାବିପତ୍ର

**ନୂଆପଡ଼ା ଅଫିସ୍, ୧୭।୪**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଗୋଡାଲ ସଦର ପଞ୍ଚାୟତ କାର୍ଯ୍ୟାଳୟଠାରୁ ଶହେ ମିଟର ଦୂରରେ ଥିବା ପେନଖିଆ ଯୋର ନାଳରେ ବ୍ରିଜ ନିର୍ମାଣ ଦାବି ହୋଇଛି। ଏନେଇ ଗୋଡାଲ ଗ୍ରାମପଞ୍ଚାୟତ ନବ ନିର୍ବାଚିତ ପ୍ରତିନିଧିମାନେ ସମ୍ମିଳିତ ଦସ୍ତଖତ କରି ସିନାପାଲି ବିଡିଓ ସଦାଶିବ ନାଏକଙ୍କ ଜରିଆରେ ନୂଆପଡା ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପ୍ରାପ୍ତ ସୂଚନାନୁସାରେ ଏହି ନାଳାଦେଇ କୋଟାମାଲ ଓ ବ୍ରାହ୍ମଣ ପଡା ଗାଁକୁ ସିଧାସଳଖ ଅଞ୍ଚଳର ଜନସାଧାରଣ ଯିବାଆସିବା କରିଥାନ୍ତି। ଏହି ରାସ୍ତା ଦେଇ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ଖାଉଟି ସାମଗ୍ରୀ, ବୃଦ୍ଧା, ବୃଦ୍ଧମାନେ ମାସିକ ଭତା ଓ ସମସ୍ତେ ଅନେକ କାର୍ଯ୍ୟ ପାଇଁ ଯାତାୟାତ କରିଥାନ୍ତି। ଏହି ରାସ୍ତାରେ ଯାତାୟାତ କରିବା ପାଇଁ ପେନଖିଆ ନାଳାରେ ବ୍ରିଜ ନିର୍ମାଣ ହୋଇ ନ ଥିବାରୁ ଅଞ୍ଚଳର ଜନସାଧାରଣ, ଚାଷୀ ବୁଲାଣିଆ ମହଗାଁ ରାସ୍ତା କୋଟାମାଲ ଦେଇ ଯାତାୟାତ କରୁଛନ୍ତି । ବର୍ଷସାରା ଏହି ରାସ୍ତା ଉପରେ ନିର୍ଭରଶୀଳ ହେଉଥିବାବେଳେ ବର୍ଷାଋତୁରେ ଅନେକ ସମସ୍ୟା ଦେଖାଯାଇଥାଏ। ଏହି ନାଳା ଉପରେ ଶିଘ୍ର ବ୍ରିଜ ନିର୍ମାଣ କରିବା ପାଇଁ ଜିଲା ପରିଷଦ ସଦସ୍ୟା ଆଶା ଜୈନ, ଗୋଡାଲ ପଞ୍ଚାୟତ ସରପଞ୍ଚ ମିନା ଜଗତ, ସମିତିସଭ୍ୟା ପଙ୍କଜିନି ବାଗ, ହେମନ୍ତ ନାଏକ, ଦୁଷ୍ମନ୍ତ ପଟେଲ, ସୂର୍ଯ୍ୟକାନ୍ତି ମାଝି, ସୁଜନ ମାଲି ପ୍ରମୁଖ ଦାବି କରିଛନ୍ତି। ଆଗାମୀ ଦିନରେ ବ୍ରିଜ ନିର୍ମାଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

## ରକ୍ତଦାନ ଶିବିର: ୫୭ ୟୁନିଟ୍ ସଂଗ୍ରହ

**ଜୁନାଗଡ,୧୭।୪(ଡି.ଏନ୍.ଏ)**

ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ରବିବାର ଜୁନାଗଡ ବ୍ଲକ ବିଜେଡି ପକ୍ଷରୁ ସ୍ଥାନୀୟ ଡାକ୍ତରଖାନାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଜୁନାଗଡ ବିଧାୟକ ତଥା ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ରକ୍ତଦାନ ଶିବିରେ ୫୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପରେ ରକ୍ତଦାତାଙ୍କୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ଅତିଥି ଭାବେ ଜିଲାପରିଷଦ ଉପାଧକ୍ଷା ସୁଧିରା ମେହେର, ଜୁନାଗଡ ବ୍ଲକ ଅଧକ୍ଷା ସବିତା ମେହେର, ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ବଲାଙ୍ଗୀର ଜୋନ୍ ସଭାନେତ୍ରୀ କଲ୍ୟାଣୀ ନାଏକ,ଏନ୍‌ଏସି ଉପାଧକ୍ଷା ହିମାଦ୍ରୀ ନାଏକ, ପୂର୍ବତନ ଏନଏସି ଅଧକ୍ଷ ମହେଶ ସାହୁ, ମନ୍ତ୍ରୀଙ୍କ ରାଜନୈତିକ ସଚିବ ଦିନେଶ ବଗର୍ତ୍ତୀ ପ୍ରମୁଖ ଯୋଗଦେଇଥିଲେ। ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରାଧିକାରୀ ଡାକ୍ତର ଭଗବାନ ପଣ୍ଡାଙ୍କ ସହ ଟିମ୍ ଆୟୋଜିତ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ।

## ଟେନ୍‌ସା ଗ୍ରାମପଞ୍ଚାୟତ ପୁରସ୍କୃତ



ଟେନ୍‌ସା ସରପଞ୍ଚ ଅନୀତା ପୂର୍ତ୍ତିଙ୍କୁ ପୁରସ୍କୃତ କରାଯାଉଛି।

**ଟେନ୍‌ସା, ୧୭।୪(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲାରେ ଥିବା ଗ୍ରାମପଞ୍ଚାୟତ ମଧ୍ୟରୁ କୋଇଡା ବ୍ଲକର ଟେନ୍‌ସା ଗ୍ରାମ ପଞ୍ଚାୟତ ହାସଲ କରିଛି ଶ୍ରେଷ୍ଠ ସ୍ୱାସ୍ଥ୍ୟ ଗ୍ରାମପଞ୍ଚାୟତ ପୁରସ୍କାର। ସୁନ୍ଦରଗଡ଼ ସଂସ୍କୃତି ଭବନଠାରେ ଆଶା ଏବଂ ଗାଁ କଲ୍ୟାଣ ସମିତିଗୁଡ଼ିକର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ସମେତ ଜିଲାର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଏହି ଉତ୍ସବରେ ସମସ୍ତ ଗ୍ରାମପଞ୍ଚାୟତରେ ସ୍ୱାସ୍ଥ୍ୟ, ପୃଷ୍ଟିକର ଖାଦ୍ୟର ସୁପରିଚାଳନା, ପରିମଳ ବ୍ୟବସ୍ଥା ଭଳି ଅନେକ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରାଯାଇଥିଲା। ଟେନ୍‌ସା ପଞ୍ଚାୟତର ଗ୍ରାମଗୁଡ଼ିକରେ ସ୍ୱାସ୍ଥ୍ୟ, ପୃଷ୍ଟିକର ଖାଦ୍ୟର ସୁପରିଚାଳନା, ପରିମଳ ବ୍ୟବସ୍ଥା ଭଳି ଅନେକ କାର୍ଯ୍ୟକ୍ରମଗୁଡିକୁ ସଫଳ ପରିଚାଳନା କରି ଅନ୍ୟ ପଞ୍ଚାୟତ ପାଇଁ ପ୍ରେରଣାର ଉତ୍ସ ହୋଇଥିବାରୁ ବାର୍ଷିକ ଉତ୍ସବରେ ଉପସ୍ଥିତ ଥିବା ଅତିଥିମାନେ ଟେନସା ସରପଞ୍ଚଙ୍କୁ ପ୍ରଶଂସା କରିଥିଲେ। ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ ଟେନସା ସରପଞ୍ଚ ଅନୀତା ପୂର୍ତ୍ତିଙ୍କୁ ଟ୍ରଫି ସହିତ ମାନପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ। ପୁରସ୍କାର ପାଇ ଥିବାରୁ ସରପଞ୍ଚ ଅନିତା ପୂର୍ତ୍ତି ଟେନ୍‌ସା ପଞ୍ଚାୟତର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ବିଜୁବାବୁଙ୍କ ତିରୋଧାନ ଦିବସରେ ରକ୍ତଦାନ ଶିବିର

**ରୁପ୍ରାରୋଡ,୧୭।୪( ଡି.ଏନ.ଏ)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ନର୍ଲାରୋଡ ଦୁର୍ଗାମଣ୍ଡପ ପ୍ରାଙ୍ଗଣରେ ଛାତ୍ରବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୫ ତମ ତିରୋଧାନ ଦିବସ ଉପଲକ୍ଷେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ରକ୍ତଦାନ ଶିବିର କାର୍ଯ୍ୟକ୍ରମକୁ ଜିଲା ପରିଷଦ ଚେୟାରମ୍ୟାନ ପୁଷ୍ପେନ୍ଦ୍ର ସିଂଦେଓ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ନର୍ଲା ଜୋନ ୩ ନଂ.ଜିଲା ପରିଷଦ ତଥା ବିଜେଡି ଛାତ୍ର ରାଜ୍ୟ କାର୍ଯ୍ୟକାରୀ ସଭାପତି, ଛାତ୍ର ଜିଲା ସଭାପତି, ରାମପୁର ବ୍ଲକ ବିଜେଡି ସଭାପତି, ରାମପୁର ବ୍ଲକ ଚେୟାରମେନ, କର୍ଲାମୁଣ୍ଡା ବ୍ଲକ ବିଜେଡି ସଭାପତି, ସର୍ଗିଗୁଡ଼ା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରମୁଖ ଯୋଗଦାନ କରିଥିଲେ। ରକ୍ତଦାନ ଶିବିରରେ ୩୧ ୟୁନିଟ ରକ୍ତସଂଗ୍ରହ ହୋଇଥିଲା।

# ବାଆଦୀ ଠାକୁରଙ୍କ ବାର୍ଷିକ ଚୈତ୍ରା ମଣ୍ଡେଇ ଯାତ୍ରା

**କୋକସରା,୧୭।୪(ଡି.ଏନ.ଏ)**

କୋକସରା ବ୍ଲକ ବଡପୋଡାଗୁଡା ପଞ୍ଚାୟତର ତଲାଗାଁଠାରେ ରବିବାର ବାଆଦୀ ଠାକୁରଙ୍କ ବାର୍ଷିକ ଚୈତ୍ରା ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହୋଇଛି। ମା' ଠାକୁରାଣୀଙ୍କ ଚୈତ୍ରା ପର୍ବର ପ୍ରଥମ ରବିବାର ଏହି ମଣ୍ଡେଇ ଯାତ୍ରା ପାଳିତ ହେଇଥାଏ। ପ୍ରଥମେ ବାଆଦୀ ଠାକୁରଙ୍କ ମନ୍ଦିରରେ ପାରମ୍ପରିକ ନୀତି ଅନୁସାରେ ପୂଜାର୍ଚ୍ଚନା ପରେ ଦେବଦେବୀମାନେ ଲାଠି କାଲିସୀ ସହ ମା' ମାଉଲୀଙ୍କ ମନ୍ଦିର ଅଭିମୁଖେ ବାହାରିଥିଲେ।

ଦେବୀଙ୍କ ମନ୍ଦିରରେ ପହଞ୍ଚିବା ପରେ କାଳିଶୀମାନେ କଣ୍ଟା ଦୋଳିରେ ଝୁଲିବା ସହ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପରେ ମା' ମାଉଲୀ ଓ ଠାକୁରାଣୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଭକ୍ତମାନେ ଦେବଦେବୀଙ୍କ ପାଖରେ ଭୋଗ ଲାଗି କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଯାତ୍ରାରେ ଆଖପାଖ ଅଞ୍ଚଳର ଶହଶହ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥାଏ। ବଳଭଦ୍ର ପୂଝାରୀ, ନୀଳାମ୍ବର ପୂଝାରୀ, ଶିରା ସପୁର ସିଂ ନାଗ, ଶିରା ଦାମୋଧର ନାଗ, ଚନ୍ଦ୍ର ଭାଟି ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଧର୍ମାନନ୍ଦ ନାଏକ, ଜଗଦୀଶ ଚନ୍ଦ୍ର ନାଏକ, ଧନେଶ୍ୱର ନାଏକ, ଘାସିରାମ ନାଗ, ଗରୁଡ ଦଳପତି ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ରହି ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ।


ମଣ୍ଡେଇ ଯାତ୍ରାରେ ଶ୍ରଦ୍ଧାଳୁ।

# ଶିକ୍ଷାର ବିକାଶ ଲାଗି ଏକଜୁଟ ହେବା ଆବଶ୍ୟକ

**ଜୁନାଗଡ,୧୭।୪(ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ସଂସ୍କୃତି ଭବନଠାରେ ରବିବାର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସମ୍ବର୍ଦ୍ଧନା ସଭା ଓ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ବ୍ଲକ ସଭାପତି ସରୋଜ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ଉପାଧକ୍ଷା ସୁଧିରା ମେହେର, ଜୁନାଗଡ ଏନ୍‌ଏସି ଅଧକ୍ଷ ମୁକେଶ ଅଗ୍ରୱାଲ, ବ୍ଲକ ଅଧକ୍ଷା ସବିତା ମେହେର, ଉପାଧକ୍ଷ ପ୍ରମୋଦ ବେହେରା, ଏନ୍‌ଏସି ଉପାଧକ୍ଷା ହିମାଦ୍ରୀ ନାଏକ, ବ୍ଲକ ସରପଞ୍ଚ ସଂଘ ସଭାପତି ତାରାଶଙ୍କର ରାୟଗୁରୁ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମନୋଜ ପାଣିଗ୍ରାହୀ, ସମ୍ପାଦକ ଧିରେନ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାର ବିକାଶ ପାଇଁ ସମସ୍ତେ ଏକଜୁଟ ହେବା ପାଇଁ ଅତିଥିମାନେ ମତ ରଖିଥିଲେ।



ଜୁନାଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭା।

## ପ୍ରାଥମିକ ଶିକ୍ଷକ ସଂଘର ସମ୍ବର୍ଦ୍ଧନା ସଭା, ନୂତନ କର୍ମକର୍ତ୍ତା ଚୟନ

ଜିଲା ସଙ୍ଗଠନ ସମ୍ପାଦକ ଅଚ୍ୟୁତ ନାଏକ ଧନ୍ୟବାଦ ଦେଇଥିଲେ। ଜିଲା ସଭାପତି ମନୋଜ ପାଣିଗ୍ରାହୀଙ୍କ ଅଧକ୍ଷତାରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ବ୍ଲକ ସଭାପତି ଭାବେ ସରୋଜ କୁମାର ପଣ୍ଡା,ଉପସଭାପତି ଲଳିତ ନେଗୀ, ରାଜେଶ ସେଠ୍,ଉପସଭାନେତ୍ରୀ ନମିତା ଦାଶ, ସୁନିତା ଆଚାରୀ, ସମ୍ପାଦକ ସାନ୍ତନୁ ମାଝୀ,ଯୁଗ୍ମ ସମ୍ପାଦକ ସମରେନ୍ଦ୍ର ଶେଖର ଦାଶ, ରମେଶ ରାଉତ, ସୌମ୍ୟ ରଞ୍ଜନ ରାଉତ, ନୀଲାଞ୍ଚଳ ନାଗ, ସଂଗଠନ ସମ୍ପାଦକ ସୂର୍ଯ୍ୟନାରାୟଣ ଠାକୁର, ନନ୍ଦି କିଶୋର ସୁନାନୀ ଓ କୋଷାଧକ୍ଷ ଭାବେ ସିତେଶ ପାଢୀ ମନୋନୀତ ହୋଇଥିଲେ। ବୈଠକରେ ଜିଲା ଉପସଭାପତି ପ୍ରମୋଦ ବିଶି, କୋଷାଧକ୍ଷ ଅମରେନ୍ଦ୍ର ପଟ୍ଟନାୟକ, ସଂଯୋଜକ ହୃଶିକେଶ ବାଗ, ଉପଦେଷ୍ଟା କବିରାଜ ବାଗ, କୋରକମିଟି ସଦସ୍ୟ ଅକ୍ଷୟ ପଟ୍ଟନାୟକ, ଉପେନ୍ଦ୍ର ପ୍ରଧାନ, ଦିଲୀପ ଖାନସମା ଉପସ୍ଥିତ ଥିଲେ। ଜିଲା ଯୁଗ୍ମ ସମ୍ପାଦକ ବିରେନ ବାଗ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ଶିକ୍ଷକ ପପୁ ପଣ୍ଡା, ଯଶୋବନ୍ତ ରାଉତ, ଟୁକୁନା ସାହୁ ସହଯୋଗ କରିଥିଲେ। ଶିକ୍ଷକ ଜଗନ୍ନାଥ ମୁଣ୍ଡ ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ୧୮ ଏପ୍ରିଲ, ୨୦୨୨

**୭୧ବର୍ଷରେ ଗାଇବାହାଲ ଶ୍ରୀରାମଲୀଳା ମହୋତ୍ସବ**

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ଗାଇବାହାଲ ରାମଲୀଳା ୭୧ ବର୍ଷରେ ପଦାର୍ପଣ କରିଛି। ଚଳିତ ବର୍ଷ ରାମଜୀ କଳା ପରିଷଦ ପକ୍ଷରୁ ରାମଲୀଳା ମହୋତ୍ସବ ଅନୁଷ୍ଠିତ ହେଉଛି । ଏ ଅବସରରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ସହ ନାମାରମ୍ଭ ହୋଇଛି । ପ୍ରହରୀ କର୍ତ୍ତାଭାବେ ବ୍ରହ୍ମା ବିଶ୍ୱାଳ ଓ ତାଙ୍କ ପତ୍ନୀ ଲକ୍ଷ୍ମୀ ପ୍ରିୟା ବିଶ୍ୱାଳ ଦାୟିତ୍ୱ ତୁଲାଉଛନ୍ତି । ହେମନ୍ତ ଷଡଙ୍ଗୀ ଓ ନାରଦ ମିଶ୍ର ପୂଜକ ଦାୟିତ୍ୱରେ ରହିଛନ୍ତି । ମଙ୍ଗଳବାର ମହୋତ୍ସବ ଉଦ୍‌ଯାପିତ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ।



## ସଂକ୍ଷେପରେ

### ୨୭ ବର୍ଷରେ ପଣ୍ଡରାଣୀ ରାମଲୀଳା

ଲୋଇସିଂହା,୧୭।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ପଣ୍ଡରାଣୀ ଗ୍ରାମର ରାମଲୀଳା ଚଳିତ ବର୍ଷ ୨୭ ବର୍ଷରେ ପଦାର୍ପଣ କରିଛି। ପ୍ରତିବର୍ଷ ରାମ ନବମୀ ତିଥିରୁ ୧୪ଦିନ ଧରି ରାମଲୀଳା ନାଟକ ଅନଷ୍ଠିତ ହୋଇଥାଏ। ଶନିବାର ସପ୍ତପ ରଜନୀରେ ଅନୁଷ୍ଠାନ ପକ୍ଷରୁ ରାମ ବନବାସ ଦୃଶ୍ୟ ରହିଥିଲା । ତ୍ରିଲୋଚନ ବିଶି, ଜିତେନ ମର୍ଦ୍ଧା, ମହାଦେବ ଧରୁଆ ଗୁଣ ସାହୁ, ସଦାନନ୍ଦ ସାହୁ, ବିଶ୍ୱାମିତ୍ର ମିର୍ଦ୍ଧା, ଜୟଚନ୍ଦ୍ର ପଧାନ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ପ୍ରଫୁଲ ଥାର୍ଟି, ଦମୟନ୍ତୀ ଥାର୍ଟି କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ୨୮ ମାର୍ଚ୍ଚ ୧୯୯୬ ଚୈତ୍ର ଶୁକ୍ଳପକ୍ଷ ରାମନବମୀ ତିଥିରେ ରାମଲୀଳା ଆରମ୍ଭ ହୋଇଥିଲା। ସ୍ୱର୍ଗତ ବାବାଜୀ ଘନଶ୍ୟାମ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱର୍ଗତ ଠଣସୁନ୍ଦର ଧରୁଆ, ପରକ୍ଷୀତ ବିଶି, ଦ୍ୱିଜରାଜ ପରୁଆ, କମ୍ପାଉଣ୍ଡର ଭୁକ୍ତା, ଘାସିରାମଙ୍କ ପରି ଅନେକ କଳାକାର ରାମଲୀଳା ନାଟକ ଆରମ୍ଭ କରିଥିଲେ ।

### ବାଉଁଶୁଣୀ ରାମଲୀଳା: ସୀତା ଚୋରି ନାଟକ ମଞ୍ଚସ୍ଥ

ବାଉଁଶୁଣୀ,୧୭।୪(ଡି.ଏନ.ଏ.): ବୌଦ୍ଧ ବ୍ଲକ ବାଉଁଶୁଣୀ ରାମଲୀଳା ନାଟ୍ୟ ସାଂସଦ ଆୟୋଜିତ ୨୬ତମ ରାମଲୀଳା ମହୋତ୍ସବର ଷଷ୍ଠ ରଜନୀ ଶନିବାର ପରିବେଷିତ ହୋଇଥିଲା ନାଟକ ସୀତା ଚୋରି। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ନାଟ୍ୟାଭିନୟକୁ ଦର୍ଶକମାନେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଉପଭୋଗ କରିଥିଲେ। ରାମ ଭୂମିକାରେ ସନ୍ତୋଷ ମେହେର, ଲକ୍ଷ୍ମଣ ହଳଧର ଦନାୟକ, ସୀତା ପୀତାମ୍ବର ମେହେର, ମାରିଚ ଭୁବନେଶ୍ୱର ମେହେର, ରାବଣ ଶଙ୍କର ମେହେର, ଶବରୀ-କଳାକାହ୍ନୁ ମେହେର, ସୂର୍ପଣଖା ଭୂମିକାରେ ଲବ ମେଷୁଆଙ୍କ ନିଖୁଣ ଅଭିନୟ ଚିତାକର୍ଷକ ହୋଇଥିଲା।

### ଶିକ୍ଷା ସଚେତନତା କାର୍ଯ୍ୟକ୍ରମ

ଦେଓଗାଁ,୧୭।୪ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ମୁଖ୍ୟାଳୟରେ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ନିର୍ମଳା ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଶିକ୍ଷାଧିକାରୀ ଅଜିତ କୁମାର ମିଶ୍ର, ତପନ କୁମାର ନାଗ, ଜ୍ୟୋତି ପ୍ରକାଶ ଷଡଙ୍ଗୀ ପ୍ରମୁଖ ଯୋଗଦେଇ ଶିକ୍ଷା ସଚେତନତା ଉପରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଚେତନତା ସଭାରେ ଶିକ୍ଷକବୃନ୍ଦ ଯୋଗଦେଇ ଗ୍ରାମାଞ୍ଚଳରେ କେତେକ ପିଲା ସ୍କୁଲକୁ ଆସୁ ନ ଥିବା ପରିଲକ୍ଷିତ ହେଉଥିବାରୁ ଅଭିଭାବକମାନେ ସଚେତନ ହେବା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅଭିଭାବକ ଓ ଛାତ୍ରାଛାତ୍ରମାନେ ଶିକ୍ଷା ସଚେତନତା ରଥକୁ ସ୍ୱାଗତ କରିବା ସହ ଗାଁ ପରିକ୍ରମା କରିଥିଲେ ।

### ସୁନାପାଲିରେ ଅଷ୍ଟ ପ୍ରହର ନାମଯଜ୍ଞ

ଡୁଙ୍ଗୁରିପାଲ,୧୭।୪ (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସୁନାପାଲି ଲାକ୍ଷେଘରଠାରେ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଅଧିବାସରୁ ଆରମ୍ଭ ହୋଇଥିବା ନାମଯଜ୍ଞ ଶନିବାର ପୂର୍ଣ୍ଣାହୂତି ସହ ସମ୍ପନ୍ନ ହୋଇଛି। ଏଥିରେ ପଡ଼ାର ଗୁଣନିଧି ବିଭାର କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ପଣ୍ଡିତ ବାସୁଦେବ ବାବା ଓ ସାଧୁରାମ ପୂଜାର୍ଚ୍ଚନା କରିଥିଲେ। ନାମଯଜ୍ଞକୁ ପରିଚାଳନା କରିଥିଲେ ସାଧୁରାମ ବିଭାର, ଶାନ୍ତିଲତା ବିଭାର, ରେଖାରାମ ବାଗ, କୁମୁଦିନୀ ବାଗ। ନାମଯଜ୍ଞରେ ବରଗଡ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲାର ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ।

### ମାଗଣା ଗୋଚିକିତ୍ସା ଶିବିର

ଦେଓଗାଁ,୧୭।୪ (ଡି.ଏନ.ଏ):ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲାରେ ଶନିବାର ଓମଫେଡ ପକ୍ଷରୁ ଗୋ ଚିକତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । କୁତୁର୍ଲା ଦୁଗ୍ଧ ଉତ୍ପାଦକ ସମିତ ସମ୍ପାଦକ ସଞ୍ଜୀବ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ପ୍ରାଣୀ ଚିକିତ୍ସକ ଅଭିନାଶ ପଟେଲ, ଧୋବେଇ ଚରଣ ପୋଡ, ଏଲ.ଆଇ ନିଳେନ୍ଦ୍ର କୁମାର ବେହେରା ଓ ଓମଫେଡ ଇନଚାର୍ଜ ଶୁଭମ ପଧାନ ଓ ଗୋପାଳ ରଣା ଯୋଗଦେଇଥିଲେ । ଶିବିରରେ ୫୧ ଜଣ ଗୋପାଳକ ଯୋଗଦେଇଥିଲେ। ୧୪୬ ଗୋରୁଙ୍କର ମାଗଣା ଚିକିତ୍ସା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା ।

# ଅଧଘଣ୍ଟା ଜଳଯୋଗାଣ, ମେଣ୍ଟୁନି ଆବଶ୍ୟକତା

**ବଲାଙ୍ଗୀର ମ୍ୟୁନିସିପାଲିଟି ୱାର୍ଡ ନମ୍ବର ୧ ଗୋପବନ୍ଧୁ ନଗର**

- ଅନିୟମିତ ହେଉଛି ପାଇପ ପାଣି ଯୋଗାଣ
- ଖରାରେ ପଡାବାସୀ ହେଉଛନ୍ତି ତହଲବିକଳ

ବଲାଙ୍ଗୀର ଅଫିସ, ୧୭।୪

ବଲାଙ୍ଗୀର ମ୍ୟୁନିସିପାଲିଟିର ୧ ନମ୍ବର ୱାର୍ଡ ଅନ୍ତର୍ଗତ ଗୋପବନ୍ଧୁ ନଗରରେ ଏବେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଲୋକଙ୍କୁ ପିଇବା ପାଇଁ ଆବଶ୍ୟକ ପାଇପ୍ ପାଣି ମିଳୁନାହିଁ। ଏହି ପଡାରେ ପ୍ରାୟ ୫୦ବର୍ଷ ହେବ ଜନସାଧାରଣ ବାସ କରିଆସୁଥିଲେ ମଧ ଲୋକଙ୍କୁ ପାନୀୟ ଜଳ, ରାସ୍ତାଘାଟ ଭଳି ମୌଳିକ ସୁବିଧା ମିଳୁନାହିଁ। ବଲାଙ୍ଗୀର-ପାଟଣାଗଡ ରାସ୍ତାର ଲାଲଟିକ୍ରା ଗ୍ରୀଡ ପାଖରୁ ଯାଇଥିବା ରାସ୍ତା ଅପନ୍ତରା ହୋଇ ପଡି ରହିଛି।

ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ପାନୀୟ ଜଳ ସମସ୍ୟାରେ ଗୋପବନ୍ଧୁ ନଗରବାସୀ ସନ୍ତୁଳି ହେଉଛନ୍ତି। ଏହି ପଡାକୁ ପାଇପ ପାଣି ଯୋଗାଣ ବ୍ୟବସ୍ଥା ରହିଛି। ହେଲେ ଅନିୟମିତ ଭାବେ ଜଳଯୋଗାଣ ହେଉଛି। ପ୍ରତିଦିନ ପଡାକୁ ମାତ୍ର ଅଧଘଣ୍ଟା ଧରି ପାଣି ଯୋଗାଣ ହେଉଥିବା ପଡାବାସୀ କହିଛନ୍ତି। ଏହି ଅଧଘଣ୍ଟାରେ ପଡାର ଆବଶ୍ୟକତା ଅନୁଯାୟୀ ପାଇପ ପାଣି ମିଳୁନାହିଁ। ଏବେ ବଲାଙ୍ଗୀରରେ ୪୦/୪୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଉଛି। ଏଭଳି ଖରାରେ ଲୋକେ ପାଣି ପାଇଁ ହଇରାଣ ହେଉଛନ୍ତି। ପଡାରେ ଲାଗିଥିବା ଷ୍ଟାଣ୍ଡପୋଷ୍ଟଗୁଡିକରେ ମାତ୍ର ଅଳ୍ପ ସମୟ ପାଇଁ ପାଣି ଯୋଗାଣ ହୋଇ ବନ୍ଦ ହୋଇ ଯାଉଛି। ଏପରିକି ତଳିଆ ଅଞ୍ଚଳରେ ପାଣି ପହଞ୍ଚିଲା ବେଳକୁ ଯୋଗାଣ ବନ୍ଦ ହୋଇଯାଉଛି। ଏହି ପରିସ୍ଥିତିରେ ସହରରେ ବାସ କରି ବି ଲୋକେ ନଳକୂପ ଉପରେ ଭରସା କରି ଚଳୁଛନ୍ତି। ଏ ନେଇ ପଡାବାସୀ ବିଭିନ୍ନ ସମୟରେ ଜିଲା ପ୍ରଶାସନ, ଜନସ୍ୱାସ୍ଥ୍ୟ ବିଭାଗ, ମ୍ୟୁନିସିପାଲିଟି ଏବଂ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାସତ୍ତ୍ୱେ ପଡାକୁ ଆବଶ୍ୟକ ପାଇପ ପାଣି ଯୋଗାଣ ବ୍ୟବସ୍ଥା ହୋଇପାରୁନାହିଁ।


ଗୋପବନ୍ଧୁନଗରର ପାଇପ୍ ପାଣିର ଷ୍ଟାଣ୍ଡପୋଷ୍ଟ ଚାନ୍ଦିନୀ ଭାଙ୍ଗି ଯାଇଛି।

**ପଡାବାସୀ ଯାହା କହନ୍ତି...**


"ଦୀର୍ଘବର୍ଷ ହେଲା ଗୋପବନ୍ଧୁ ନଗରରେ ପାଣି ଏକ ପ୍ରମୁଖ ସମସ୍ୟା ହୋଇ ରହି ଆସିଛି। ଯେତେ ଦାବି କଲେ ମଧ କେହି ଶୁଣୁ ନାହାନ୍ତି। ଠିକଣା ସମୟରେ ପାଣି ଯୋଗାଣ ହେଉନାହିଁ। କେଉଁଦିନ ଅଧଘଣ୍ଟା ତ କେଉଁଦିନ ଆହୁରି କମ୍ ସମୟ ପାଣି ଆସୁଛି।
ଶିରୋମଣି ବାଗ


"ନିରନ୍ତର ଜଳ ଯୋଗାଣ ପାଇଁ ଦୀର୍ଘବର୍ଷ ହେଲା ଦାବି କରି ଆସୁଥିଲେ ମଧ କେବଳ ପ୍ରତିଶ୍ରୁତି ହିଁ ମିଳିଛି। ପାଇପ ପାଣି ମିଳୁ ନ ଥିବାରୁ ନଳକୂପ ପାଣି ବ୍ୟବହାର କରୁଛୁ। ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଅନିୟମିତ ପାଇପ ଜଳ ଯୋଗାଣ ସମସ୍ୟାକୁ ସଙ୍ଗୀନ କରିଛି।
ଅଞ୍ଜ ବାଗ


"ପଡାକୁ ୪ରୁ ୮ ଦିନରେ ଥରେ ପିଇବା ପାଣି ଯୋଗାଣ ହେଉଛି। ଯେଉଁଦିନ ପାଣି ଯୋଗାଣ ହେଉଛି ମାତ୍ର ଅଧ ଘଣ୍ଟା ହେଉଥିବାରୁ ସମସ୍ତ ପଡାବାସୀ ପାଇପାରୁନାହାନ୍ତି। ମ୍ୟୁନିସିପାଲିଟି ଓ ଜନସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ କେହି ଶୁଣୁନାହାନ୍ତି। ଅଧିକ ସମୟ ଜଳଯୋଗାଣ କରିବାକୁ ଦାବି କରୁଛି।
ଗଙ୍ଗା ପାଣ୍ଡେ

## ତିନି କୋଠରିରେ ପଢୁଛନ୍ତି ଆଠଟି ଶ୍ରେଣୀର ପିଲା

ବିନିକା,୧୭।୪(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ବାଙ୍କିଘିଡି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଏଠାରେ ପ୍ରଥମ ଶ୍ରେଣୀରୁ ୮ମ ଶ୍ରେଣୀଯାଏ ଥିବା ବେଳେ ୧୮୯ଜଣ ବିଦ୍ୟାର୍ଥୀ ଅଧ୍ୟୟନ କରୁଛନ୍ତି। ଆଠଟି ଶ୍ରେଣୀର ପିଲା ମାତ୍ର ତିନିଟି କୋଠରିରେ ବସି ପାଠ ପଢିବାରେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସ୍କୁଲର ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି। ଜିଲା ଏବଂ ବ୍ଲକ ଶିକ୍ଷା ବିଭାଗର ଚରମ ଅବହେଳାକୁ ଏଥିପାଇଁ ଦାୟୀ କରିଛନ୍ତି ଛାତ୍ରୀଛାତ୍ର ଓ ଅଭିଭାବକ। ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଗୋଟିଏ କୋଠରି, ଷଷ୍ଠ ଓ ସପ୍ତମ ଶ୍ରେଣୀର ପିଲା ଅନ୍ୟ କୋଠରିରେ ଏବଂ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ର ନବନିର୍ମିତ ସିଆରସିସି କୋଠାରେ ଅଧ୍ୟୟନ କରୁଛନ୍ତି। ସରକାରଙ୍କର ନୂତନ ଶିକ୍ଷାନୀତି ଅନୁସାରେ ପ୍ରତି ଶ୍ରେଣୀ ପାଇଁ ସ୍ୱତନ୍ତ୍ର କୋଠା ରହିବା କଥା । ମାତ୍ର ବାଙ୍କିଘିଡି ସରକାରୀ ବିଦ୍ୟାଳୟରେ ସରକାରଙ୍କ ନୂତନ ଶିକ୍ଷାନୀତିର ଉଲ୍ଲଂଘନ କରାଯାଉଛି । ଦୀର୍ଘବର୍ଷ ବିତିଥିଲେ ବି ଅବ୍ୟବହୃତ ହୋଇ ପଡିରହିଥିବା ଦୁଇଟି ଶ୍ରେଣୀଗୃହର ପୁନରୁଦ୍ଧାର କରାଯାଇନାହିଁ। ପ୍ରଧାନଶିକ୍ଷକ ବଶିଷ୍ଠ ଭୋଇଙ୍କୁ ଏ ନେଇ ପଚାରିବାରୁ କହିଛନ୍ତି ଯେ, ଗତ ୬ମାସ ହେଲା ମୁଁ ଏଠାରେ ଯୋଗ ଦେଇଛି । ସ୍କୁଲ ସମସ୍ୟା ନେଇ ପୂର୍ବରୁ ଗୋଷ୍ଠୀ ଶିକ୍ଷାଧିକାରୀ ଓ ସିଆର୍‌ସିସିଙ୍କୁ ଅବଗତ କରାଯାଇଥିବା କହିଛନ୍ତି। ତେବେ ଚଳିତ ଶିକ୍ଷାବର୍ଷ ପୂର୍ବରୁ ଶ୍ରେଣୀଗୃହ ସମସ୍ୟାର ସମାଧାନ କରା ନ ଗଲେ ସ୍କୁଲରେ ତାଲା ପକାଇବାକୁ ଅଭିଭାବକମାନେ ଚେତାବନୀ ଦେଇଛନ୍ତି।

## ମଦ୍ୟପାନ କରି ଗାଡ଼ିଚାଳନା, ୧୭ ଡ୍ରାଇଭର ଗିରଫ


ସୋନପୁରରେ ପୋଲିସ ଓ ପରିବହନ ବିଭାଗର କର୍ମଚାରୀମାନେ ଯାଞ୍ଚ କରୁଛନ୍ତି।

ସୋନପୁର,୧୭।୪(ନି.ପ୍ର.)

**ପୋଲିସ ଓ ପରିବହନ ବିଭାଗର ଧରପଗଡ**

ସୁବର୍ଣ୍ଣପୁର ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ଶନିବାର ରାତିରେ ଜିଲାର ବିଭିନ୍ନ ଅଞ୍ଚଳରେ ମଦ୍ୟପ ଗାଡି ଚାଳକଙ୍କୁ ସ୍ୱତନ୍ତ୍ର ଭାବେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଏଭଳି ମୋଟ ୨୦ଟି ମାମଲା ଠାବ ହୋଇଥିଲା। ସେଥିମଧ୍ୟରୁ ୫ଜଣଙ୍କ ଗାଡି ଚାଳନା ପ୍ରମାଣପତ୍ର ସ୍ଥଗିତ ରଖାଯାଇଛି। ଏହି ଘଟଣାରେ ୨୦ଟି ଗାଡିକୁ ଅଟକ ରଖାଯାଇଛି। ସେହିପରି ୧୭ ଜଣ ମଦ୍ୟପ ଡ୍ରାଇଭରଙ୍କୁ ଗିରଫ କରାଯାଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଜିଲାପାଳ ଅବୋଲି ସୁନିଲ ନରୱଣେ ଓ ଏସ୍‌ପି ଅମରେଶ କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଏକକାଳୀନ ଏହି ରାତ୍ରିକାଳୀନ ସ୍ୱତନ୍ତ୍ର ଯାଞ୍ଚ କରାଯାଇଥିଲା। ପରିବହନ ଅଧିକାରୀ ପଟ୍ଟନାୟକ, ସୋନପୁର ପୋଲିସ ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିବହନ ବିଭାଗର କର୍ମଚାରୀ ଓ ପୋଲିସ ଏକକାଳୀନ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇଥିଲା।

## ୧୦୫ ଛାତ୍ରୀ ନେଲେ ଆତ୍ମସୁରକ୍ଷା ତାଲିମ

ତରଭା,୧୭।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ଚାରଭଟା ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ୧୦୫ ଜଣ ଛାତ୍ରୀ ଏହି ଶିବିରରେ ତାଲିମ ନେଇଥିଲେ। ମଷ୍ଟେର ଟ୍ରେନର ମାମି ଘିବେଲା ଓ ଯଶୋବନ୍ତ ନାଗ ତାଲିମ ପ୍ରଦାନ କରିଥିଲେ। ଗତ ୮ ତାରିଖରେ ଏହି ଶିବିର ଆରମ୍ଭ ହୋଇଥିଲା। ବିଦ୍ୟାଳୟ ଅଧକ୍ଷ ମୁସଲିମିନ ମହମ୍ମଦ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପିକା ପ୍ରମିଳା ପଣ୍ଡା ଏହି ଶିବିରକୁ ପରିଚାଳନା କରିଥିଲେ। ବିଦ୍ୟାଳୟ କ୍ରୀଡା ଶିକ୍ଷକ ତାରାଶଙ୍କର ଗୁରୁ, ଅଧ୍ୟାପିକା ଚନ୍ଦ୍ରମା ମିଶ୍ର, ଅଧ୍ୟାପକ ପ୍ରଦୀପ ପୂଝାରୀ, ଭରତ ଭୂଷଣ ବିଶ୍ୱାଳ, ଦୁତୀୟା ମହାନନ୍ଦ, ଅରବିନ୍ଦ ପ୍ରଧାନ ଓ ଅଣ ଶିକ୍ଷକ କର୍ମଚାରୀ ଶିବିର ଆୟୋଜନରେ ସହଯୋଗ କରିଥିଲେ।



ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ତିରୋଧାନ ଦିବସରେ ବିଜୁଙ୍କ ସ୍ମୃତିଚାରଣ

ଅମରପାଲି,୧୭।୪(ଡି.ଏନ.ଏ.)

ବୀରମହାରାଜପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇ ଯାଇଛି। ବୀରମହାରାଜପୁର ବସ୍‌ଷ୍ଟାଣ୍ଡରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଜିଲା ସଂଯୋଜକ ରଞ୍ଜିତ କୁମାର ରଥ, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ଶ୍ରୀନିବାସ ଚାନ୍ଦ, କିଶୋର ହୋତା, ମୁର୍ଷୁଣ୍ଡୀ ସରପଞ୍ଚ ମନୋଜ ସାହୁ, ଚମ୍ପାମାଲ ସରପଞ୍ଚ ମହେନ୍ଦ୍ର ଜଗଦଲା, ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ବବିତା ବାଘ, ସୁନନ୍ଦା ଘିବିଲା, ପ୍ରଦୀପ ମିଶ୍ର, ପର୍ଶୁରାମ ଦେହୁରୀ, ସତ୍ୟଞ୍ଜୀବ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଉଲୁଣ୍ଡାଠାରେ ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଜୀବନବିନ୍ଦୁ ଜିଲା ସଂଯୋଜକ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନନ୍ଦ, ଜିଲା ପରିଷଦ ସଦସ୍ୟ ବଶିଷ୍ଠ ଭାରସାଗର, ବିଜୟଲକ୍ଷ୍ମୀ ତରାଇ, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ଲୁହା, ବିନିକା ଏନଏସି ଅଧ୍ୟକ୍ଷ ସୁବାସ ଭୋଇ, କିଶୋର ହୋତା ପ୍ରମୁଖ ଯୋଗଦାନ କରିଥିଲେ । ୮୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ଅନୁଦାନପ୍ରାପ୍ତ ହାଇସ୍କୁଲ କିରାଣି ସଂଘ ବୈଠକ

ଦେଓଗାଁ, ୧୭।୪ (ଡି.ଏନ.ଏ.)

ବଲାଙ୍ଗୀର ଠିକାଦାରପଡା ବାଳିକା ଉଚ୍ଚ ବିଦ୍ୟାଳୟରେ ରବିବାର ଜିଲାସ୍ତରୀୟ ଅନୁଦାନପ୍ରାପ୍ତ ହାଇସ୍କୁଲର କିରାଣି ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସର୍ବସମ୍ମତିକ୍ରମେ ଜିଲାସ୍ତରୀୟ କମିଟି ଗଠନ କରାଯାଇଥିଲା। ସଭାପତିଭାବେ ଶ୍ରୀପତି ବିଶ୍ୱାଳ, ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ସାହୁ, ଉପସଭାପତି ବଡ ରଣା, ସହସମ୍ପାଦକ ନିତ୍ୟାନନ୍ଦ ବେହେରା ଓ କୋଷାଧ୍ୟକ୍ଷ ଭାବେ ବିକ୍ରମ ସାହୁ ମନୋନୀତ ହୋଇଥିଲେ। ବୈଠକରେ ଗ୍ରେଡ ପେ ବୃଦ୍ଧି ସହ କିରାଣିମାନଙ୍କର ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ଥିଲେ ମଧ ମାଟ୍ରିକ ଯୋଗ୍ୟତା ହାରରେ ଦରମା ପ୍ରଦାନ କରାଯାଉ ଥିବାରୁ ଏହି ବିଷୟକୁ ଓଡିଶାର ସମସ୍ତ ଜିଲାର କିରାଣି ଏକଜୁଟ ହୋଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା।


ବୈଠକରେ ଉପସ୍ଥିତ ଅନୁଦାନପ୍ରାପ୍ତ ହାଇସ୍କୁଲ କିରାଣି ସଂଘ କର୍ମକର୍ତ୍ତା।

## ଲୋଇସିଂହା ବ୍ଲକ ସରପଞ୍ଚ ସଂଘ ଗଠିତ


ନବ ଗଠିତ ଲୋଇସିଂହା ସରପଞ୍ଚ ସଂଘର ସଦସ୍ୟମାନେ।

ଲୋଇସିଂହା,୧୭।୪(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରପଞ୍ଚ ସଂଘ ରବିବାର ଗଠିତ ହୋଇଛି। ଲୋଇସିଂହା ପଞ୍ଚାୟତ କାର୍ଯ୍ୟାଳୟଠାରେ ବ୍ଲକର ସମସ୍ତ ସରପଞ୍ଚଙ୍କୁ ନେଇ ଅନୁଷ୍ଠିତ ବୈଠକରେ ବାଦିବାହାଲ ସରପଞ୍ଚ ପ୍ରଶାନ୍ତ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ । ସର୍ବସମ୍ମତିକ୍ରମେ ସଭାପତି ଭାବେ ମାଗୁରବେଡା ସରପଞ୍ଚ ସଞ୍ଜୟ ଗଡତ୍ୟା ମନୋନୀତ ହୋଇଥିଲେ। ସେହିପରି ବୁର୍ଡା ସରପଞ୍ଚ ସୁଦୀପ କୁମାର ସା ଉପସଭାପତି, କୁଶମେଲ ସରପଞ୍ଚ କୌସ୍ତୁଭ ସାହୁ ସମ୍ପାଦକ, ରତାଖଣ୍ଡି ସରପଞ୍ଚ ହିମାଞ୍ଚଳ ମେହେର ସହସମ୍ପାଦକ, ସରଗାଡ ସରପଞ୍ଚ ସରୋଜ ବେହେରା କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ । ଅପରପକ୍ଷେ ଯୋଗୀସର୍ଡା ସରପଞ୍ଚ ବିଜୁଳି ପଧାନ, ଲୋଇସିଂହା ସରପଞ୍ଚ ନବ କିଶୋର ନାଏକ, କନ୍ଦାଜୁରୀ ସରପଞ୍ଚ ଜାମିନି ମହାନନ୍ଦ, ବାଦିବାହାଲ ସରପଞ୍ଚ ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ ଉପଦେଷ୍ଟା ରହିଛନ୍ତି। ପଞ୍ଚାୟତ ଓ ବ୍ଲକର ସ୍ୱାର୍ଥ ଦୃଷ୍ଟିରୁ ଉନ୍ନତିମୂଳକ କାର୍ଯ୍ୟ କରିବାକୁ ନବନିର୍ବାଚିତ ସରପଞ୍ଚମାନେ ଏହି ଅବସରରେ ଶପଥ ଗ୍ରହଣ କରିଥିଲେ ।

## କାଳବୈଶାଖୀ ଉଜାଡ଼ିଲା ପରିବା ଫସଲ

ସଇଁତଳା,୧୭।୪ (ଡି.ଏନ.ଏ.)

- ଗଛପଡ଼ି ବ୍ୟାପକ କ୍ଷୟକ୍ଷତି
- ଜଣେ ଗୁରୁତର, ୪ ଗୋରୁ ଆହତ
- ବିଦ୍ୟୁତ ଶର୍ଟସର୍କିଟ ଯୋଗୁଁ ୩ଘଣ୍ଟା ଅଟକିଲା ନାଗାବଲୀ ଏକ୍ସପ୍ରେସ

ବଲାଙ୍ଗୀର ଜିଲା ସଇଁତଳା ବ୍ଲକର ଡ଼େଙ୍ଗ ଓ ସଇଁତଳା ଅଞ୍ଚଳରେ ରବିବାର ଅପରାହ୍ନ ପ୍ରାୟ ୩ଟାରେ କାଳବୈଶାଖୀର ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଥିରେ ଜଣେ ଗୁରୁତର ଆହତ ହୋଇଥିବା ବେଳେ କୁଆପଥର ମାଡରେ ପନି ପରିବା ଫସଲ ନଷ୍ଟ ହୋଇଛି। କେତେକ ସ୍ଥାନରେ ଗଛପଡ଼ି ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା।

ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଡ଼େଙ୍ଗ ପଞ୍ଚାୟତର ବ୍ରାହ୍ମଣୀ ଗ୍ରାମ ନିକଟରେ ଗଛ ପଡ଼ି ୪ଟି ଗୋରୁ ଆହତ ହୋଇଛନ୍ତି। ବୁର୍ଢ଼ା ଗ୍ରାମର ବିପିନ ପଧାନ ନିଜ ବିଲକୁ ଯାଇଥିବାବେଳେ ପ୍ରବଳ ବର୍ଷା ଓ କୁଆ ପଥର ମାଡ଼ ଯୋଗୁଁ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜ ଡ଼ାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ସଇଁତଳା ହାଇସ୍କୁଲ ପଡ଼ିଆ ନିକଟରେ ଥିବା ବିରାଟ ପିପଳ ଗଛ ଉପୁଡ଼ି ଯିବାରୁ କେନ୍ଦୁପତ୍ର ଗୋଦାମ ନଷ୍ଟ ହୋଇଛି। ଡ଼େଙ୍ଗ ଗ୍ରାମର ସ୍କୁଲ ସମ୍ମୁଖରେ ଥିବା ବରଗଛ ସନ୍ତୋଷ ରଣାଙ୍କ ଘର ଉପରେ ପଡ଼ିଯିବାରୁ ଦୀର୍ଘ ସମୟ ଧରି ସଇଁତଳା-ଟିକ୍ରାପଡ଼ା ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ସଇଁତଳା ଡ଼ାକ୍ତରଖାନା ପରିସରରେ ଥିବା ଏକ ବିରାଟ ବୃକ୍ଷ ମୂଳରୁ ଉପୁଡ଼ି ଯିବା ଯୋଗୁଁ ଡ଼ାକ୍ତରଖାନା ବାଡ଼ ଭାଙ୍ଗିଯାଇଛି। ଅନେକ ସ୍ଥାନରେ ବିଦ୍ୟୁତ ତାର ଛିଣ୍ଡି, ଖୁମ୍ବ ଉପୁଡି ପଡିବାରୁ ସରବରାହ ବ୍ୟାହତ ହୋଇଛି। ସଇଁତଳା ଅଗ୍ନିଶମ ବିଭାଗର ଫାୟାର ଅଫିସର ଭାଗିରଥୀ ବାଣୁଆଙ୍କ ନେତୃତ୍ୱରେ କର୍ମଚାରୀମାନେ ଉପୁଡ଼ି ପଡ଼ିଥିବା ତଥା ଭାଙ୍ଗିଯାଇଥିବା ଗଛଗୁଡ଼ିକ ରାସ୍ତାରୁ ହଟାଇବା ପ୍ରୟାସ ଚାଲୁ ରଖିଛନ୍ତି। ନାନ୍ଦେଡ଼-ସମ୍ବଲପୁର ନାଗାବଳୀ ଏକ୍ସପ୍ରେସ ସଇଁତଳା ରେଳ ଷ୍ଟେସନ ନିକଟ ସିଲେଟପଡ଼ାଠାରେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁଁ ଦୀର୍ଘ ୩ ଘଣ୍ଟା ଧରି ଅଟକି ରହିଥିଲା। ପରେ ବଲାଙ୍ଗୀରରୁ ଅନ୍ୟ ଏକ ଇଞ୍ଜିନ ଆସିବାରୁ ଟ୍ରେନ ନିଜ ଗନ୍ତବ୍ୟସ୍ଥଳକୁ ଯାଇଥିଲା।


ଡ଼ାକ୍ତରଖାନା ସମ୍ମୁଖରେ ପଡ଼ିଥିବା ଗଛ ।

## କୁଳତା ସମାଜ କୁଳତା ଦିବସ ପାଳିତ

ଅମରପାଲି(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା କୁଳତା ସମାଜ ପକ୍ଷରୁ ଶ୍ରୀପୁରାର ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ କୁଳତା ଦିବସ ପାଳିତ ହୋଇଯାଇଛି। କୁଳତା ସମାଜ ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ସମ୍ପାଦକ କ୍ଷେତ୍ରବାସୀ ପଧାନ ସଂଯୋଜନା କରିଥିଲେ। ଏହି ଅବସରରେ ରକସା ପଞ୍ଚାୟତର ନବନିର୍ବାଚିତ ସମିତି ସଭ୍ୟ ଲିପି ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଲୋଚନାରେ ସିଦ୍ଧେଶ୍ୱର ମନ୍ଦିର ପରିସରରେ ନୂତନ ଭାବେ ଏକ ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ପାଇଁ ସ୍ଥିର ହୋଇଥିଲା । ସଭାରେ ନୂତନ ଯୁବ ସଂଗଠନ ଗଠନ କରାଯାଇ ବନମାଳି ପଧାନଙ୍କୁ ସଭାପତି ଓ ସୁବ୍ରତ ଭୋଇଙ୍କୁ ସମ୍ପାଦକ ଭାବରେ ଅସ୍ଥାୟୀ ରୂପେ ମନୋନୀତ କରାଯାଇଥିଲା ।

# ବିଜୁବାବୁ ଆଧୁନିକ ଓଡିଶାର ନିର୍ମାତା

ସୋନପୁର,୧୭।୪(ନି.ପ୍ର.)

ପ୍ରବାଦ ପୁରୁଷ ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ରବିବାର ୨୫ତମ ଶ୍ରାଦ୍ଧବାର୍ଷିକୀ। ଏହି ଅବସରରେ ସୋନପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ପୁରୁଣା ଟାଉନ ହଲ ପରିସରରେ ତିରୋଧାନ ଦିବସ ପାଳନ ହୋଇଥିଲା। ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜୁ ବାବୁଙ୍କୁ ଆଧୁନିକ ଓଡିଶାର ନିର୍ମାତା ବୋଲି ଅବିହିତ କରିଥିଲେ। ବିଜୁ ବାବୁ ଥିଲେ ଓଡିଆ ସ୍ୱାଭିମାନର ପ୍ରତୀକ। ଦୁଃସାହସ ଥିଲା ତାଙ୍କ ଚରିତ୍ରର ବିଶେଷତ୍ୱ। ପଡିଆରେ ଫୁଟବଲ ଖେଳିବାଠାରୁ ଆକାଶରେ ବିମାନ ଉଡାଇବା ପର୍ଯ୍ୟନ୍ତ ସୁରୁଥିରେ ସେ ଥିଲେ ସାହାସୀ ଓ ଅନନ୍ୟ । ତାଙ୍କ ଦୂରଦୃଷ୍ଟି ଓ ସାହାସିକ ପଦକ୍ଷେପ ପାଇଁ ରାଜ୍ୟରେ ୧୩ରୁ ୩୦ ଜିଲା ଗଠନ ସମ୍ଭବ ହୋଇ ପାରିଥିଲା । ଏହି କାର୍ଯ୍ୟ ପାଇଁ ସୁବର୍ଣ୍ଣପୁର ଜିଲାବାସୀ ପ୍ରବାଦ ପୁରୁଷ ବିଜୁ ବାବୁଙ୍କୁ ହୃଦୟରୁ ଭଲ ପାଉଛନ୍ତି ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ।



ସୋନପୁରରେ ଅନୁଷ୍ଠିତ ତିରୋଧାନ ଦିବସରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସ୍ମୃତିଚାରଣ କରୁଛନ୍ତି ।

ବିଜେଡି ଜିଲା ସଭାପତି ତଥା ତରଭା ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କର୍ମୀ ସଭାରେ ଅଧ୍ୟକ୍ଷତା କରି ବିଜୁ ବାବୁଙ୍କ ସ୍ମୃତିଚାରଣ କରିବା ସହ ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ସୁବର୍ଣ୍ଣପୁର ଜିଲା ପ୍ରଗତି ପଥରେ ଆଗେଇ ଚାଲିଛି ବୋଲି କହିଥିଲେ। ଏଥିପାଇଁ ଜିଲାବାସୀ ବିଜେଡିକୁ ଆଦରି ନେଇଛନ୍ତି। ଗତ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡିର ପ୍ରାର୍ଥୀମାନେ ୯୮ ପ୍ରତିଶତ ଆସନରେ ବିଜୟ ହାସଲ କରି ବିରଳ ରେକର୍ଡ କରିଥିବା କର୍ମୀ କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଅଧ୍ୟକ୍ଷା ତାମସି ତାମସ୍ମିତା ନାୟକ, ଉପାଧ୍ୟକ୍ଷା ମଲ୍ଲିକା ଦାନୀ, ସୋନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅହଲ୍ୟା ସାହୁ, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ହିମାଂଶୁ ବିଶ୍ୱାଳ, ତରଭା ଏନଏସି ଉପାଧ୍ୟକ୍ଷ ଗଗନ ଅଗ୍ରୱାଲା, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ପ୍ରକାଶ ସାହୁ, ଅଭିମନ୍ୟୁ କୁଶଳ, ନୀଳାମ୍ବର ଶତପଥୀ, ଜନ୍ମେଜୟ ପାତ୍ର ଓ ହେମନ୍ତ ସାହୁ ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ବହୁମୁଖୀ ପ୍ରତିଭା ଓ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ର ବିଜେଡି ଜିଲା ସଭାପତି ଶାଶ୍ୱତ କୁମର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଓଡିଶା ମୋ ପରିବାର ଓ ଜୀବନ ବିନ୍ଦୁ ଆନୁକୂଲ୍ୟରେ ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଜିଲା ରକ୍ତ ଭଣ୍ଡାର ପରିସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୨୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସକାଳେ ଦଳ ପକ୍ଷରୁ ତିଳ ତର୍ପଣ କରାଯିବା ସହ ସହରରେ ସଫେଇ କାର୍ଯ୍ୟ କରାଯାଇଥିଲା। ପରେ ଅତିଥି ବୃନ୍ଦ ଓ ବରିଷ୍ଠ ନେତୃବୃନ୍ଦ ବିଜୁ ପଟ୍ଟନାୟକ ଛକସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ନିର୍ବାଚିତ ଲୋକ ପ୍ରତିନିଧି, ମହିଳା ଓ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଅଙ୍ଗନୱାଡି କେନ୍ଦ୍ରକୁ ବିପଦ ମହୁଲ ଗଛ



ଲାଠୋର,୧୭।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଅନ୍ତର୍ଗତ ପିପଲବାହାଲ ଗ୍ରାମର ୧ ନଂ ଅଙ୍ଗନୱାଡ଼ି କେନ୍ଦ୍ରକୁ ଲାଗି କରି ରହିଛି ପୁରୁଣା ମହୁଲ ଗଛ। ଏହି ଗଛ ଏବେ ପୋଲା ହୋଇଯାଇଛି। ଫଳରେ ଯେକୌଣସି ମୁହୂର୍ତ୍ତରେ ଏହା ଗଳି ପଡିବାର ଆଶଙ୍କା ସୃଷ୍ଟି ହୋଇଛି। ଏଥିଯୋଗୁ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ୩୦ଶିଶୁ ଏବଂ ଗର୍ଭବତୀ ଓ ପ୍ରସୂତୀ ମହିଳାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଗ୍ରାମବାସୀ ଦୀର୍ଘଦିନ ହେଲା ଏହି ଗଛକୁ କାଟିବା ପାଇଁ ଦାବି କରି ଆସୁଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନାହାନ୍ତି। ଏନେଇ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲଙ୍କୁ ପଚାରିବାରୁ ପଞ୍ଚାୟତ ପକ୍ଷରୁ ଲାଠୋର ବନ ବିଭାଗ ଏବଂ ବିଦ୍ୟୁତ୍ ବିଭାଗକୁ ଘଟଣା ବିଷୟରେ ସୂଚନା ଦିଆଯାଇଛି । ଏକ ସପ୍ତାହ ମଧରେ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

### ମହିଳାଙ୍କୁ ଯୋଗ ପ୍ରଶିକ୍ଷଣ



ବରଗଡ଼ ଅଫିସ୍,୧୭।୪: ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ବଦ୍ରିପ୍ରସାଦ ଆପାର୍ଟମେଣ୍ଟରେ ରବିବାର ମହିଳାଙ୍କ ପାଇଁ ଏକ ଯୋଗ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଗୋପାଳ ଚନ୍ଦ୍ର ଦାଶଙ୍କ ସଂଯୋଜନା ଏବଂ ସରୀତା ମଞ୍ଜରୀ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଯୋଗଗୁରୁ ତାପସ ରଞ୍ଜନ ପ୍ରଧାନ, ଯୋଗ ଶିକ୍ଷୟିତ୍ରୀ ପୂଜା ସାହୁ ପ୍ରଶିକ୍ଷଣ ଦେଇଥିଲେ। ସୁଧାମୟୀ ଗୁରୁ, ପୁଷ୍ପା ମହାପାତ୍ର, ସରସ୍ୱତୀ ମେହେର, ମଧୁସ୍ମିତା ଦାଶ, ଅନ୍ନପୂର୍ଣ୍ଣା ସାହୁ, କମଳା ଦାଶ ପ୍ରମୁଖ ଏଥିରେ ଯୋଗଦାନ କରିଥିଲେ। ବରିଷ୍ଠ ନାଗରିକ ପ୍ରମୋଦ ଝାଙ୍କର, କେଦାର ମିଶ୍ର, ଜୟକୃଷ୍ଣ ଗୁରୁ, ଯାଚକେଶ୍ୱର ପ୍ରଧାନ, ମିଠିରାମ ସାହୁ, ଏସ.ଏନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷାର୍ଥିନୀଙ୍କୁ ଉତ୍ସାହିତ କରିଥିଲେ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବରଗଡ଼ ଅଫିସ୍,୧୭।୪: ବରଗଡ଼ ସହରର



ଧର୍ମପ୍ରାଣା ମହିଳା ଉଷା ସିଂଙ୍କ ରବିବାର ପରଲୋକ ହୋଇଛି। ସ୍ୱର୍ଗତା ସିଂ ପୂର୍ବତନ ପୌରାଧ୍ୟକ୍ଷ ତଥା ବରିଷ୍ଠ ଆଡ଼ଭୋକେଟ୍ ଯୁଗଳ ପ୍ରସାଦ ସିଂ ଏବଂ ଆଡ଼ଭୋକେଟ୍ ରାଜେନ୍ଦ୍ର ପ୍ରସାଦ ସିଂଙ୍କ ମା' ଅଟନ୍ତି । ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି ।

### ବ୍ରାହ୍ମଣ ସମାଜ ସଭାପତିଙ୍କ ଆକସ୍ମିକ ବିୟୋଗ

ବରପାଲି,୧୭।୪(ଡି.ଏନ.ଏ): ବରଗଡ଼ ଜିଲା ବରପାଲି ବ୍ଲକ ସନାତନୀ ବ୍ରାହ୍ମଣ ସମାଜର ସଭାପତି ଗତିକୃଷ୍ଣ ତ୍ରିପାଠୀଙ୍କ



୮୮ବର୍ଷ ବୟସରେ ରବିବାର ପରଲୋକ ହୋଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପଛପଟେ ରବିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ବୈଠକ ଅନୁଷ୍ଠିତ ହୋଇ ପର୍ଶୁରାମ ଜୟନ୍ତୀ ପାଳନ ଉପରେ ଆଲୋଚନା ଚାଲିଥିଲା। ଏଥିରେ ସେ ସଭାପତିତ୍ୱ କରୁଥିଲେ ଏବଂ ହଠାତ୍ ଅସୁସ୍ଥତା ଅନୁଭବ କରିଥିଲେ। ତାଙ୍କୁ ସଭାସ୍ଥଳୀରୁ ବରପାଲି ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଆକସ୍ମିକ ବିୟୋଗରେ ଗଭୀର ଶୋକପ୍ରକାଶ ପାଇଛି। ସ୍ୱର୍ଗତ ତ୍ରିପାଠୀ ସମବାୟ ବ୍ୟାଙ୍କରୁ ଅବସର ଗ୍ରହଣ ପରେ ବିଭିନ୍ନ ଧର୍ମାନୁଷ୍ଠାନ ସହିତ ଜଡ଼ିତ ଥିଲେ। ବରପାଲି କାଳୀପୂଜା କମିଟିର ସେ ଜଣେ ସକ୍ରିୟ ସଭ୍ୟ ଥିଲେ। ତାଙ୍କ ପରଲୋକରେ ଶରତ ପାଣିଗ୍ରାହୀ, ଡା. ଘନଶ୍ୟାମ ପାଣିଗ୍ରାହୀ, ନରେନ୍ଦ୍ର ହୋତା, ବାଳକିଶୋର ଖାଡ଼ାଙ୍ଗା, ଡଃ ଅଶୋକ ଦାଶ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

# ମାଓବାଦୀ ପୋଷ୍ଟରରେ ରାସ୍ତା ନିର୍ମାଣ ଦୁର୍ନୀତିକୁ ବିରୋଧ


ଚକ୍ରାମାଳ-ବାବେବିରା ରାସ୍ତା ପୋଲ ନିକଟରେ ଲାଗିଥିବା ମାଓବାଦୀ ପୋଷ୍ଟର।

ଅମ୍ବାଭୋନା,୧୭।୪(ଡି.ଏନ.ଏ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକରେ ମାଓବାଦୀମାନେ ପୁଣି ନିଜ ଉପସ୍ଥିତି ଜାହିର କରିଛନ୍ତି। ଦୀର୍ଘଦିନର ନିରବତା ପରେ ରବିବାର ଉକ୍ତ ବ୍ଲକ ଅନ୍ତର୍ଗତ ଲଖନପୁର ନିକଟସ୍ଥ ଚକ୍ରାମାଳ-ବାବେବିରା ମୁଖ୍ୟରାସ୍ତାର ଚକ୍ରାମାଳ ପୋଲ ନିକଟରେ ମାଓବାଦୀଙ୍କ ଏକ ପୋଷ୍ଟର ଟଙ୍ଗାଯାଇଥିବା ରବିବାର ଦେଖିବାକୁ ମିଳିଛି। ଉକ୍ତ ପୋଷ୍ଟରରେ ଚକ୍ରାମାଳ-ବାବେବିରା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ହିନ୍ଦୀ ଭାଷାରେ ଠିକାଦାରଙ୍କ ଦୁର୍ନୀତି ନେଇ ଉଲ୍ଲେଖ ରହିଛି। ତେବେ ଖବର ଲେଖାହେବା ସୁଦ୍ଧା ସେହି ପୋଷ୍ଟରକୁ ଖୋଲାଯାଇନାହିଁ। ଏ ସମ୍ପର୍କରେ ଅମ୍ବାଭୋନା ଥାନା ଏଏସ୍ଆଇ ବିଜୟ କନ୍ଧେରଙ୍କୁ ପଚାରିବାରୁ ସେଠାରେ ପୋଷ୍ଟର ଝୁଲୁଥିବା ନେଇ ସୂଚନା ମିଳିଛି ବୋଲି କହିଥିଲେ। ପ୍ରକାଶଥାଉକି, ୨୦୧୪ ମସିହାରେ ଉକ୍ତ ବ୍ଲକର ଲଖନପୁର ରାସ୍ତା ନିର୍ମାଣରେ ହୋଇଥିବା ଦୁର୍ନୀତି ବିରୋଧରେ ମାଓବାଦୀମାନେ ସେତେବେଳେ ଠିକାଦାର କ୍ୟାମ୍ପର ଜେସିବି, ରୋଲର, ଟ୍ରାକ୍ଟର ଆଦି ପୋଡ଼ି ଦେବା ସହିତ ପୋଷ୍ଟର ଲଗାଇଥିଲେ। ପୁଣି ୮ବର୍ଷ ପରେ ଏଭଳି ରାସ୍ତାକାମରେ ଅନିୟମିତତା ଅଭିଯୋଗ କରି ମାଓବାଦୀମାନେ ପୋଷ୍ଟର ଲଗାଇବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ଶ୍ରଦ୍ଧାଞ୍ଜଳି ଜଣାଇଲେ କଳାକାର

ବରଗଡ଼ ଅଫିସ୍,୧୭।୪

ବରଗଡ଼ ଲୋକକଳା ଭବନରେ ରବିବାର ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଏବଂ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଆନନ୍ଦ ଆଚାର୍ଯ୍ୟଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ମହାସଂଘ ଅଧ୍ୟକ୍ଷ ଚୈତନ୍ୟ ପାଇକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମିଳିତ କଳାକାର ମଞ୍ଚର ସମ୍ପାଦକ ଡଃ ଡୋଲାମଣି ଶତପଥି ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବିଜୁ ବାବୁ ଭାରତବର୍ଷର ଏବଂ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଆଚାର୍ଯ୍ୟ ବରଗଡ଼ ମାଟିର ଗର୍ବ, ଗୌରବ ଥିଲେ ବୋଲି ସେ ମତବ୍ୟକ୍ତ କରିଥିଲେ। ବିଜୁବାବୁଙ୍କୁ ଭାରତରତ୍ନ ପ୍ରଦାନ କରାଯିବା ଉଚିତ ବୋଲି ଡଃ ଶତପଥି ଦାବି କରିଥିଲେ। ସୁରେନ୍ଦ୍ର କୁମାର ଦାଶ, ସଦାନନ୍ଦ ଜାଲ, ରାଜେଶ ବାରିକ, ବାଙ୍କା ବିହାରୀ ସାହୁ, ପ୍ରଦୀପ କୁମାର ସାହୁ, ନବୀନ କୁମାର ସାବତ, ଗୋବିନ୍ଦ ଭୋଇ, ସୁଧାଂଶୁ ଶେଖର ସାହୁ, ବିରେନ୍ଦ୍ର କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ସ୍ମୃତିଚାରଣ କରିଥିଲେ। ମହାସଂଘର ସମ୍ପାଦକ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା ଏବଂ ନରେନ୍ଦ୍ର କର୍ଣ୍ଣା ଧନ୍ୟବାଦ ଅର୍ପଣ କରିଥିଲେ।


ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ରକ୍ତଦାନ କରୁଛନ୍ତି।

### ବିଜୁବାବୁ, ଆନନ୍ଦ ବାବୁଙ୍କ ପୁଣ୍ୟତିଥି

ସେହିପରି ବରଗଡ଼ ଅଗ୍ରଗାମୀ ଯୁବକ ସଂଘରେ ରବିବାର ବିଜେଡ଼ି ପକ୍ଷରୁ ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏବଂ ପୂର୍ବତନ ମନ୍ତ୍ରୀ ଆନନ୍ଦ ଆଚାର୍ଯ୍ୟଙ୍କ ପୁଣ୍ୟତିଥି ପାଳିତ ହୋଇଛି। ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ଆରମ୍ଭରେ ଉଭୟ ବରପୁତ୍ରଙ୍କୁ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଏକ ରକ୍ତଦାନ ଶିବିର ହୋଇଥିଲା। ଶିବିରରେ ୨୦୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପୂର୍ବତନ ବିଧାୟକ ସାଧୁ ନେପାକ, ବିଜେଡ଼ି ନେତା ସମ୍ବିତ ଆଚାର୍ଯ୍ୟ, ଅଚ୍ୟୁତାନନ୍ଦ ମହାପାତ୍ର, ଗୌରହରି ମିଶ୍ର, ପୌରାଧ୍ୟକ୍ଷା କଳ୍ପନା ମାଝି, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଏକ, ଜିଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା, ଅଶ୍ୱିନୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଜୀବନ ବିନ୍ଦୁ କାର୍ଯ୍ୟକ୍ରମ, ୧୦୧ ୟୁନିଟ ରକ୍ତ ସଂଗ୍ରହ

ଟିଟିଲାଗଡ଼, ୧୭।୪ (ଡି.ଏନ.ଏ)

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୫ତମ ତିରୋଧାନ ଦିବସରେ ଟିଟିଲାଗଡରେ ବିଜେଡି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ଟୁକୁନି ସାହୁ ଦଳର କର୍ମକର୍ତ୍ତାଙ୍କ ସହ ବିଜୁ ପଟ୍ଟନାୟକ ଛକସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଦଳ ପକ୍ଷରୁ ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରି ଜାଏ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସଂଯୁକ୍ତା ନାଏକ, ପୂର୍ବତନ ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ସୁକାନ୍ତି ପାଢୀ, ସୁଧିର ମିଶ୍ର, ଶ୍ୟାମାପ୍ରସାଦ ଗରିଆ, ରଘୁନାଥ ରଥ, ରଞ୍ଜୁ ରାଏମନ, ରାଜେଶ ପ୍ରଧାନ, ଦୟାରାମ ଅଗ୍ରୱାଲ, ମନ୍ତ୍ରୀଙ୍କ ସଇଁନ୍ତଲା ବ୍ଲକ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ମହାବୀର ପଞ୍ଚାୟତି ଧର୍ମଶାଳାଠାରେ ଓଡିଶା ମୋ ପରିବାର ଆନୁକୂଲ୍ୟରେ ଅନୁଷ୍ଠିତ ଜୀବନ ବିନ୍ଦୁ ରକ୍ତଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଜେଡି ନଗର ସଭାପତି ଆଶୁତୋଷ ମିଶ୍ର, ବ୍ଲକ ସଭାପତି ବିକାଶ ବେହେରା, ଜିଲା ସାଧାରଣ ସମ୍ପାଦକ ମୋହିତ ବେହେରା ଓ ବଣ୍ଟି ସେଠ, ଲେଖରାଜ ଦର୍ଜି, ରାଜେଶ ମହାନନ୍ଦ, ମହେଶ କୁମ୍ଭାର, ପ୍ରିନ୍ସ ସାହୁ, ରାଜେଶ ବେହେରା ରକ୍ତଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ମୋଟ ୧୦୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନା ଅଧୀକ୍ଷକ ଡା. ପ୍ରଦୀପ ନାୟକ ତତ୍ତ୍ୱାବଧାନରେ ରେଡକ୍ରସ ବ୍ଲକ ବ୍ୟାଙ୍କ ଅଧିକାରୀ ଡା. କୃଷ୍ଣଚନ୍ଦ୍ର ପାଳ, ବିଶେଷଜ୍ଞ ଗଜେନ୍ଦ୍ରନାଥ ରାଉତ, ନରେନ୍ଦ୍ର ପଣ୍ଡା, ଜୟରାମ ମଚ୍ଛଖଣ୍ଡ, ବିନୟ ସାହୁ, ବଳରାମ ବେହେରା, ଅଫିସର ସାହୁ, ଅଶୋକ ଦୋରା ରକ୍ତ ସଂଗ୍ରହ କରିଥିଲେ।

# ଚକ୍ଷୁ ପରୀକ୍ଷା କରାଇଲେ ୧୫୦



ଲସ୍ତଲା ମେହେରପଡ଼ାରେ ଅନୁଷ୍ଠିତ ଚକ୍ଷୁ ଚିକିତ୍ସା ଶିବିର।

ବରଗଡ଼ ଅଫିସ୍/ଅତାବିରା,୧୭।୪

ବରଗଡ଼ ଜିଲା ଗାଇସିଲେଟ ବ୍ଲକର ଡାଙ୍ଗବାହାଲ ଏବଂ ଅତାବିରା ବ୍ଲକର ଲସ୍ତଲା ମେହେରପଡ଼ାରେ ରବିବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଉଭୟ ଶିବିରରେ ସମୁଦାୟ ୧୫୦ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଡାଙ୍ଗବାହାଲ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କୋଶଳ ଯୁବଶକ୍ତି ଏବଂ ସମ୍ବଲପୁରର ତ୍ରିଲୋଚନ ନେତ୍ରାଳୟର ମିଳିତ ଆନୁକୂଲ୍ୟରେ ହୋଇଥିବା ଶିବିରକୁ ମୁଖ୍ୟ ଅତିଥି ସାକେତ ଶ୍ରୀଭୂଷଣ ସାହୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ତାରାବତୀ ସାହୁ, ସାମାଜିକ କର୍ମୀ ଡୋଲାମଣି ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିବିରରେ ୭୫ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ ମାଗଣା ଅସ୍ତ୍ରୋପଚାର ପାଇଁ ତ୍ରିଲୋଚନ ନେତ୍ରାଳୟ ପଠାଯାଇଥିଲା। ତ୍ରିଲୋଚନ ନେତ୍ରାଳୟର ଚକ୍ଷୁ ବିଶେଷଜ୍ଞମାନେ ଚକ୍ଷୁ ପରୀକ୍ଷା କରିଥିଲେ। କୋସଲ ଯୁବଶକ୍ତିର ରାଜ୍ୟ ସଭାପତି ହିତାଂଶୁ ସାହୁ, ସଭ୍ୟ ଗଜପତି ସାହୁ, ଦିଲୀପ ସାହୁ, ରଞ୍ଜନ ବେହେରା, ଫଗନୁ ବାଗ, ତରଣୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଲସ୍ତଲା ମେହେରପଡ଼ାରେ ମାଗଣା ମୋତିଆ ବିନ୍ଦୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ରାମଚଣ୍ଡୀ ସ୍ୱୟଂସେବିକା ଟ୍ରଷ୍ଟ ଏବଂ ଲାୟନ୍ସ କ୍ଲବ ପକ୍ଷରୁ ଅନୁଷ୍ଠିତ ଶିବିରରେ ଚକ୍ଷୁ ବିଶେଷଜ୍ଞ ଡା. ସୁଶିଲ କର ଯୋଗଦେଇ ୭୫ଜଣଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୧୮ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ ହୋଇଥିଲା। ଅନ୍ୟ ଏକ ଶିବିରରେ ବରଗଡ଼ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟରେ ସେମାନଙ୍କ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କରାଯିବ ବୋଲି ସୂଚନା ଦିଆଯାଇଥିଲା। ସୁମନ୍ତ ନାୟକ, ମୀନତି ସାହୁ, ଦିଲୀପ ସ୍ୱାଇଁ, ତୁଳସୀରାମ ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ଅସ୍ଥାୟୀ ନିଯୁକ୍ତିରେ କାମ ଚାଲିଛି

ଲୋଇସିଂହା,୧୭।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସରଗାଡ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ପଦ ପାଇଁ ୨୦୧୪ ମସିହାରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରେ ଏଆରସିଏସଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ରସଂଖ୍ୟା ୫୦୮୧/ତା ୨୧।୧୦।୨୦୨୧ରିଖକ୍ରମେ ବୁରୋମୁଣ୍ଡାର ରମେଶ ପୁଟେଲ ନାମକ ଜଣେ ବ୍ୟକ୍ତିଙ୍କ ନାମରେ ଉକ୍ତ ସମିତିର ସମ୍ପାଦକ ପଦ ନିମନ୍ତେ ନିଯୁକ୍ତି ପତ୍ର ପ୍ରଦାନ କରିବା ସକାଶେ ଡେପୁଟି ଏଆରସିଏସଙ୍କ ପାଖକୁ ଏକ ପତ୍ର ଆସିଥିଲା । ତଥାପି ନିଯୁକ୍ତିରେ ବିଳମ୍ବ ପରିଲକ୍ଷିତ ହେଉଥିବା ଅଭିଯୋଗ କରି ସମ୍ପୃକ୍ତ ବ୍ୟକ୍ତି ପୁଣି ବିଭାଗୀୟ ଅଧିକାରୀ ଓ ଜିଲାପାଳଙ୍କୁ ଲିଖିତଭାବେ ଜଣାଇଥିଲେ। ଏହାସତ୍ତ୍ୱେ ନିଯୁକ୍ତିରେ ବିଳମ୍ବ ସମସ୍ତଙ୍କୁ ଚକିତ କରିଛି। କେବଳ ସରଗାଡ ନୁହେଁ, ଜିଲାର ଲୋଇସିଂହା ଓ ଆଗଲପୁର ବ୍ଲକର ବିଭିନ୍ନ ସମବାୟ ସମିତିରେ ନିଯୁକ୍ତି ଦେବାରେ ବିଳମ୍ବ ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଏପରିକି ଏହି ପଦଗୁଡିକରେ ଅସ୍ଥାୟୀ ଭାବେ ନିଯୁକ୍ତି ଦେଇ କାମ ଚଳାଇ ଦିଆଯାଉଛି। ଏହାବାଦ ଉଭୟ ବ୍ଲକର ଅଧିକାଂଶ ସମବାୟ ସମିତିରେ ପୂର୍ବରୁ କାର୍ଯ୍ୟରତ କର୍ମଚାରୀଙ୍କ ଦରମା ବୃଦ୍ଧି କରାଯାଇ ଏରିଆର କରାଯିବା ଆଳରେ ସେମାନଙ୍କଠାରୁ ଟଙ୍କା ଅସୁଲି କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଏଆରସିଏସ ଗୋବିନ୍ଦ ନାଗଙ୍କୁ ପଚାରିବାରୁ ଏହି ଘଟଣାରେ ଷ୍ଟେ ହୋଇଥିଲା । କାହାକୁ ସେଠାରେ ଅସ୍ଥାୟୀ ନିଯୁକ୍ତି ଦିଆଯାଇନାହିଁ। ଉପରିସ୍ଥ ଅଧିକାରୀଙ୍କ ଅନୁମତି ମିଳିଲେ ଆମେ ସ୍ଥାୟୀ ନିଯୁକ୍ତି ଦେବୁ ବୋଲି ସେ କହନ୍ତି । ଅପରପକ୍ଷେ ସମ୍ପୃକ୍ତ ଯୁବକଙ୍କ କହିଛନ୍ତି, ରେଜିଷ୍ଟ୍ରାର ନିଯୁକ୍ତି ନିର୍ଦ୍ଦେଶ କରିଛନ୍ତି। ହେଲେ ସ୍ଥାନୀୟ ବିଭାଗୀୟ ଅଧିକାରୀ ରେଜିଷ୍ଟ୍ରାରଙ୍କ ନିର୍ଦ୍ଦେଶକୁ ଟାଳି ଦେଉଥିବା ସେ ଅଭିଯୋଗ କରିଛନ୍ତି।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଲୋଇସିଂହା,୧୭।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୁଇଁତଲା ବ୍ଲକ ସାଉଁନ୍ତପୁରଠାରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଅବସରରେ ଓଡିଶା ମୋ ପରିବାର ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଆୟୋଜକଙ୍କ ତରଫର ପ୍ରମାଣପତ୍ର ଦେଇ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା ମୁଖ୍ୟ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ଦେବେକୀ ସାହୁ, ପୁଇଁତଲା ବ୍ଲକ ଅଧ୍ୟକ୍ଷ ସରୋଜ ପଧାନ, ବ୍ଲକ ସଭାପତି ବିଷ୍ଣୁ ପଟେଲ, ଯୁବ ସଭାପତି ସୁଧୀର ଅମାତ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ।


ଜଣେ ରକ୍ତଦାତାଙ୍କ ନିକଟରେ ଅତିଥିମାନେ।

# 'ଭବିଷ୍ୟତ ଉଜ୍ଜ୍ୱଳତା ପାଇଁ ତୈଳ ବଞ୍ଚାଅ'

ବଲାଙ୍ଗୀର ଅଫିସ, ୧୭।୪

## ସାଇକ୍ଲୋଥନ୍ ସକ୍ଷମ ପାଇଁ ସାଇକେଲ ରାଲି

■ ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ସଂରକ୍ଷଣ ଉପରେ ଗୁରୁତ୍ୱ

ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଫ୍ଲାଗ୍‌ଶିପ୍‌ରେ ବିପିସିଏଲ, ଆଇଓସିଏଲ, ଏଚ୍‌ପିସିଏଲ ତଥା ଗେଲ୍ ଇଣ୍ଡିଆର ମିଳିତ ଉଦ୍ୟମରେ ପେଟ୍ରୋଲିୟମ ସଂରକ୍ଷଣ ଅନୁସନ୍ଧାନ ସଂଘ (ପିସିଆରଏ) ପକ୍ଷରୁ ସାଇକ୍ଲୋଥନ୍ ସକ୍ଷମ-୨୨ ଆୟୋଜିତ ହୋଇଯାଇଛି। ରବିବାର ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଇଓସିଏଲ ସମ୍ବଲପୁର ଆଞ୍ଚଳିକ ପରିଚାଳକ ସନ୍ଦୀପ ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ପୃଥିବୀରେ ପ୍ରାକୃତିକ ସମ୍ପଦ ସୀମିତ ରହିଛି। ଆଗକୁ ପରିସ୍ଥିତି ଏଭଳି ହେବା ଆଶଙ୍କା ରହିଛି ଯେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ସମ୍ପୂର୍ଣ୍ଣ ନିଃଶେଷ ହେବ। ଏଭଳି ପରିସ୍ଥିତର ମୁକାବିଲା ପାଇଁ ଆମକୁ ତୈଳ ଇନ୍ଧନ ଓ ପ୍ରାକୃତିକ ଗ୍ୟାସର ଅବିଚାରିତ ବ୍ୟବହାର ରୋକି ଭବିଷ୍ୟତ ଉଜ୍ଜ୍ୱଳତା ପାଇଁ ବଞ୍ଚାଇବାକୁ ହେବ। ଏ ଦିଗରେ ଲୋକଙ୍କୁ ସଚେତନ କରାଇବାକୁ ପଡିବ ବୋଲି ମୁଖ୍ୟ ଅତିଥି ସାହୁ କହିଥିଲେ। ଏହାପରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପ୍ରାକୃତିକ ଗ୍ୟାସ ଓ ପେଟ୍ରୋଲିୟମ୍‌ର ସଂରକ୍ଷଣ ଉପରେ ଶପଥ ପାଠ କରାଇଥିଲେ। ପରେ କୋଶଳ କଳାମଣ୍ଡଳ ପଡିଆରୁ ପୃଥ୍ୱୀରାଜ ହାଇସ୍କୁଲ, ପତିତପାବନ ଏକାଡେମୀ ଏବଂ ଟାଉନ୍ ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଇକେଲ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାକୁ ମୁଖ୍ୟଅତିଥି ସାହୁ ପତାକ ଦେଖାଇ ଶୁଭାରମ୍ଭ କରିଥିଲେ। ପୃଥ୍ୱୀରାଜ ହାଇସ୍କୁଲ ଶିକ୍ଷକ ବିକାଶ ରଞ୍ଜନ ସାହୁ, ପ୍ରଶାନ୍ତ ରଞ୍ଜନ ସାହୁ, ପତିତପାବନ ଏକାଡେମୀର ସତ୍ୟଜିତ ବୁଡେକ, ମୁକେଶ ବନଛୋର, ଟାଉନ୍ ବାଳିକା ହାଇସ୍କୁଲର କୃଷ୍ଣଚନ୍ଦ୍ର ବାଗ ଓ ସଂଘମିତ୍ରା ମିଶ୍ର ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଉଜ୍ଜ୍ୱଳା ଯୋଜନାର ଏସଡିପିଓ ମମତାଞ୍ଜଳି ମିଶ୍ର, ସପନ ସାହୁ ଓ ସୁଧାକର ବେହେରା କାର୍ଯ୍ୟକ୍ରମ କରିଚାଳନା କରିଥିଲେ।



ଅତିଥିମାନେ ପ୍ରାକୃତିକ ଗ୍ୟାସ ଓ ତୈଳ ସଂରକ୍ଷଣ ଉପରେ ଶପଥ ପାଠ କରାଉଛନ୍ତି।